ବର୍ଷ-୨୬, ସଂଖ୍ୟା-୩୦୭
ଭୁବନେଶ୍ୱର
ନଭେମ୍ବର, ୧୭, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 307
Bhubaneswar
November, 17, 2026, Tuesday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com

ଗଣତନ୍ତ୍ରକୁ ମଜବୁତ କରିବା ଲାଗି ଗଠନମୂଳକ ସହଯୋଗ ଅତ୍ୟନ୍ତ ଜରୁରୀ: ଉପ ରାଷ୍ଟ୍ରପତି

ଭୁବନେଶ୍ୱର, ୧୬।୧୧(ମହାଭାରତ): ଉପ ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ସୋମବାର ଭୁବନେଶ୍ୱରରେ ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପାଇଁ ଆୟୋଜିତ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଛନ୍ତି । ସେ ବିଧାୟକମାନଙ୍କୁ ଭାରତର ସମୃଦ୍ଧ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ମଜବୁତ କରିବା ଲାଗି ଗଠନମୂଳକ ବିତର୍କ, ସଚେତନ ଆଲୋଚନା, ବିଧାନପାଳିକାର ଦକ୍ଷତା ଏବଂ ଲୋକ-କୈନ୍ଦ୍ରିକ ପ୍ରଶାସନ ଉପରେ ଉପ ରାଷ୍ଟ୍ରପତି ବିଶେଷ ଭାବେ ଗୁରୁତ୍ୱାରୋପ କରିଥିଲେ ।

ଏଭଳି ଏକ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜନ ଲାଗି ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରଶଂସା କରିଥିଲେ ଉପ ରାଷ୍ଟ୍ରପତି । ଏଭଳି କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ମଜବୁତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ଏବଂ ବିଧାୟକମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଉତରଦାୟିତ୍ୱ ଦକ୍ଷତାର ସହ ନିର୍ବାହ କରିବାକୁ ସକ୍ଷମ କରିଥାଏ ବୋଲି ଉପ ରାଷ୍ଟ୍ରପତି କହିଥିଲେ ।

ଭାରତର ପ୍ରାଚୀନ ଗଣତାନ୍ତ୍ରିକ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରି ଉପ ରାଷ୍ଟ୍ରପତି ବୈଶାଳୀର ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ଚୋଳ ଯୁଗର କୁଡ଼ାଭୋଲଇ ବ୍ୟବସ୍ଥାର ଉଦାହରଣ ଦେଇଥିଲେ। ଭାରତର ସଭ୍ୟତାଗତ ଇତିହାସରେ ଗଣତନ୍ତ୍ରର ମୂଳଦୁଆ ଅତି ଗଭୀର ଭାବେ ବ୍ୟାପି ରହିଛି ବୋଲି ସେ କହିଥିଲେ । ଉପ ରାଷ୍ଟ୍ରପତି ଆହୁରି କହିଥିଲେ, ଭାରତ ଯଥାର୍ଥରେ 'ଗଣତନ୍ତ୍ରର ଜନନୀ' ହେବାର ଗୌରବ ହାସଲ କରିଛି । ଓଡ଼ିଶାର ବିଧାୟକମାନେ ଏହି ସମ୍ମାନଜନକ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ସେ ଆହ୍ୱାନ କରିଥିଲେ ।

ନିର୍ବାଚନୀ ବିଜୟକୁ ଅର୍ଥପୂର୍ଣ୍ଣ ଜନସେବାରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରି ଉପ-ରାଷ୍ଟ୍ରପତି କହିଥିଲେ, ''ଭୋଟ୍ ମାଧ୍ୟମରେ ଆମେ ନିର୍ବାଚନରେ ଜିତିଥାଉ, କିନ୍ତୁ କେବଳ ନିଜର ସେବା ମାଧ୍ୟମରେ ହିଁ ଆମେ ଲୋକଙ୍କ ସମ୍ମାନ ଅର୍ଜନ କରିପାରିବା।'' ବିଧାନସଭା କେବଳ ତର୍କ-ବିତର୍କର ଏକ ମଞ୍ଚ ନୁହେଁ; ଏଠାରେ ପ୍ରସ୍ତୁତ ପ୍ରତ୍ୟେକ ନୀତି, ଉପସ୍ଥାପିତ ପ୍ରଶ୍ନ ଏବଂ ପ୍ରଣୀତ ଆଇନରେ ଅଗଣିତ ନାଗରିକଙ୍କ ଜୀବନରେ ଉନ୍ନତି ଆଣିବାର କ୍ଷମତା ରହିଛି ବୋଲି ସେ କହିଥିଲେ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ, ଭାରତର ପ୍ରଗତିରେ ଓଡ଼ିଶାର ଉନ୍ନତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେବାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବା ବେଳେ ରାଜ୍ୟକୁ ଏକ ବିକଶିତ, ସମୃଦ୍ଧ ଏବଂ ସମାବେଶୀ ରାଜ୍ୟରେ ପରିଣତ କରିବା ଦିଗରେ 'ଭିଜନ୍ ଓଡ଼ିଶା ୨୦୩୬' ସଂକଳ୍ପକୁ ସାକାର କରିବାର ଆବଶ୍ୟକତା ରହିଛି ।



ଯୁବବର୍ଗଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ପ୍ରତ୍ୟେକ ଗାଁ ଓ ପରିବାର ନିକଟରେ ବିକାଶ ପହଂଚାଇବାରେ ଜନପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ବୋଲି ଉପ ରାଷ୍ଟ୍ରପତି ଦୃଢ଼ ଭାବେ ଆଶା ପ୍ରକଟ କରିଥିଲେ ।

ବୈଧାନିକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେବା ପ୍ରସଙ୍ଗ ଉପରେ ଆଲୋକପାତ କରି ଉପ ରାଷ୍ଟ୍ରପତି କହିଥିଲେ, ଜନସାଧାରଣ ଓ ସମ୍ବିଧାନ ପ୍ରତି ରହିଥିବା ବୃହତର ପ୍ରତିବଦ୍ଧତାର ମାର୍ଗରେ ମତଭେଦ କୌଣସି ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ । ଗଣତନ୍ତ୍ରରେ ଭିନ୍ନ ମତ ରହିବା ସ୍ୱାଭାବିକ, କିନ୍ତୁ ଆମ ସମସ୍ତଙ୍କର ଗୋଟିଏ ବିଷୟରେ ସହମତି ରହିବା ଉଚିତ୍ – ତାହା ହେଲା ଜନସାଧାରଣ ଓ ସମ୍ବିଧାନ ପ୍ରତି ଆମର ପ୍ରତିବଦ୍ଧତା। ବିତର୍କ, ଆଲୋଚନା କିମ୍ବା ବେଳେବେଳେ ସୃଷ୍ଟି ହେଉଥିବା ବ୍ୟାଘାତ ମଧ୍ୟ ଗୋଟିଏ ନିଷ୍ପତ୍ତିରେ ପହଂଚିବାରେ ସହାୟକ ହେବା ଉଚିତ୍ ବୋଲି ସେ କହିଥିଲେ । ଗଣତନ୍ତ୍ରକୁ ସୁଦୃଢ଼ କରିବା ଏବଂ ଜାତୀୟ ବିକାଶକୁ ଆଗକୁ ବଢ଼ାଇବା ପାଇଁ ସୁସ୍ଥ ବିତର୍କ ଓ ଗଠନମୂଳକ ସହଯୋଗ ଉପରେ ଉପ ରାଷ୍ଟ୍ରପତି ଗୁରୁତ୍ୱ ଦେଇଥିଲେ।

ନିରନ୍ତର ପ୍ରଶିକ୍ଷଣ ଏବଂ ପ୍ରସ୍ତୁତିର ଆବଶ୍ୟକତା ଉପରେ ଆଲୋକପାତ କରି, ଉପରାଷ୍ଟ୍ରପତି ସଦସ୍ୟମାନଙ୍କୁ ବୈଧାନିକ ନିୟମ ଓ ପ୍ରକ୍ରିୟା, ବଜେଟ୍ ପ୍ରକ୍ରିୟା, କମିଟି ବ୍ୟବସ୍ଥା, ସଂସଦୀୟ ପରମ୍ପରା ଏବଂ ନୈତିକତା ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ ହେବାକୁ ପରାମର୍ଶ ଦେଇଥିଲେ।

ଉପ ରାଷ୍ଟ୍ରପତି ପ୍ରଶ୍ନକାଳ ଓ ଶୂନ୍ୟକାଳର ଗୁରୁତ୍ୱ ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ସଦସ୍ୟମାନଙ୍କ ପାଇଁ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପ୍ରସଙ୍ଗ ଉଠାଇବା ଲାଗି ଏଗୁଡ଼ିକୁ ମହତ୍ୱପୂର୍ଣ୍ଣ ସୁଯୋଗ ଭାବରେ ସେ ବର୍ଣ୍ଣନା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ଉପାଦାନଗୁଡ଼ିକ ଯେପରି ବିନା ବାଧାରେ କାର୍ଯ୍ୟ କରିବ ତାହା ନିଶ୍ଚିତ କରିବା ପାଇଁ ବାଚସ୍ପତିଙ୍କ ସହିତ ସହଯୋଗ କରିବାକୁ ସେ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ।

ଅଭିଭାଷଣ ଶେଷରେ ଉପ ରାଷ୍ଟ୍ରପତି ବିଧାୟକମାନଙ୍କୁ ସେମାନଙ୍କର ଦାୟିତ୍ୱ ଏବଂ ପରିବର୍ତ୍ତନକାରୀ ସମ୍ଭାବନା ବିଷୟରେ ସ୍ମରଣ କରାଇ ଦେଇଥିଲେ। ସେ କହିଥିଲେ, ଏକ ସୁଚିନ୍ତିତ ହସ୍ତକ୍ଷେପ ନୀତିରେ ପରିବର୍ତ୍ତନ ଆଣିପାରେ, ଅନ୍ୟପଟେ ଏକ ସମ୍ବେଦନଶୀଳ ନିଷ୍ପତ୍ତି ଅଗଣିତ ନାଗରିକଙ୍କ ଜୀବନରେ ଆଶା ଫେରାଇ ଆଣିପାରେ। ସପ୍ତଦଶ ଓଡ଼ିଶା ବିଧାନସଭାର ସମସ୍ତ ସଦସ୍ୟଙ୍କୁ ଏକ ଫଳପ୍ରଦ ଦିଗଦର୍ଶନ କାର୍ଯ୍ୟକ୍ରମ ଏବଂ ବିଧାନସଭାରେ ସେମାନଙ୍କର ଭବିଷ୍ୟତର କାର୍ଯ୍ୟକାଳ ପାଇଁ ଶୁଭକାମନା ଜଣାଇଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଓଡ଼ିଶା ବିଧାନସଭା କେବଳ ଆଇନ ପ୍ରଣୟନର ଏକ ଅନୁଷ୍ଠାନ ନୁହେଁ, ଏହା ହେଉଛି ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ଓ ବିଶ୍ୱାସର ପ୍ରତୀକ। ତେଣୁ ଗୃହର ମର୍ଯ୍ୟାଦାକୁ ରକ୍ଷାକରି ଓଡ଼ିଶାର ବୃହତର ସ୍ୱାର୍ଥ ପାଇଁ ଦଳମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କରିବାକୁ ହେବ ବୋଲି ଶ୍ରୀ ମାଝୀ ସମସ୍ତ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ।

ରାଜ୍ୟ ସରକାର ତଥା ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକୃଷ୍ଣନଙ୍କୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉପରାଷ୍ଟ୍ରପତିଙ୍କ ଉପସ୍ଥିତି ସମସ୍ତଙ୍କ ପାଇଁ ଗୌରବର ବିଷୟ। ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମ ଥର ପାଇଁ ୨୦୨୫ ନଭେମ୍ବର ୨୭ ତାରିଖରେ ରାଷ୍ଟ୍ରପତି ସମସ୍ତ ବିଧାୟକଙ୍କୁ ମାର୍ଗଦର୍ଶନ କରିଥିଲେ ଏବଂ ଆଜି ଉପରାଷ୍ଟ୍ରପତିଙ୍କ ଜନସେବାର ଲମ୍ବା ଅଭିଜ୍ଞତା, ସଂସଦୀୟ ଲୋକତନ୍ତ୍ର ପ୍ରତି ନିଷ୍ଠା ଓ ସାମ୍ବିଧାନିକ ପ୍ରକ୍ରିୟାର ଅନୁଭୂତି ସମସ୍ତଙ୍କୁ ମାର୍ଗଦର୍ଶନ ଦେବା ସହ ପ୍ରେରଣା ଯୋଗାଇବ। ଏଥିସହ ବିଧାୟକମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ୨୦୨୪ ଅଗଷ୍ଟ ମାସରେ 'ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମ' ଏବଂ ଆଜିର ଏହି ଦ୍ୱିତୀୟ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ବ୍ରଜ ମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ବିଧାୟକମାନଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

'ଆକଭାନ୍' ମୁକାବିଲା ପାଇଁ ସରକାରଙ୍କ ପ୍ରସ୍ତୁତି

ଭୁବନେଶ୍ୱର, ୧୬।୧୧(ମହାଭାରତ):ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଅଧିକ ଘନୀଭୂତ ହୋଇ ବାତ୍ୟା 'ଆକଭାନ୍'ର ରୂପ ନେବାପରେ ରାଜ୍ୟ ସରକାର ଆକ୍ସନ୍ ମୋଡକୁ ଆସିଛନ୍ତି। ଆସନ୍ତା ୨୦ତାରିଖ ମଧ୍ୟାହ୍ନରେ ଏହା 'ଅତି ଭୀଷଣ ବାତ୍ୟା' ରୂପ ଧାରଣ କରି ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ଆଶଙ୍କା ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ କରାଇଛି। ସମ୍ଭାବ୍ୟ ବାତ୍ୟା ମୁକାବିଲା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ତଥା ୮ଜିଲ୍ଲାରେ ସରକାରୀ ଛୁଟି ବାତିଲ ସହ ୨୬୪ ଭୂସ୍ଖଳନପ୍ରବଣ ସ୍ଥାନ ଚିହ୍ନଟ କରାଯାଇଛି।

୮ ଜିଲ୍ଲାରେ ସରକାରୀ ଛୁଟି ବାତିଲ, ୨୬୪ ଭୂସ୍ଖଳନପ୍ରବଣ ସ୍ଥାନ ଚିହ୍ନଟ ସହ ଡ୍ୟାମରୁ ଛଡ଼ାଯାଉଛି ପାଣି

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ସୂଚନା ଅନୁଯାୟୀ, ଦକ୍ଷିଣ-ପୂର୍ବ ଓ ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଥିବା ଗଭୀର ଅବପାତ ଘଣ୍ଟାପ୍ରତି ୧୦ କିମି ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ବାତ୍ୟା 'ଆକଭାନ୍'ରେ ପରିଣତ ହୋଇଛି। ଆଜି ସନ୍ଧ୍ୟା ସାଢେ ୫ଟା ସୁଦ୍ଧା ଏହା ଗୋପାଳପୁରଠାରୁ ୭୯୦ କିଲୋମିଟର ଦକ୍ଷିଣରେ କେନ୍ଦ୍ରୀଭୂତ ରହିଛି। ଆସନ୍ତାକାଲି ଅର୍ଥାତ୍ ୧୭ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଭୀଷଣ ବାତ୍ୟା ଓ ୧୯ ତାରିଖ ସକାଳ ସୁଦ୍ଧା ଅତି ଭୀଷଣ ବାତ୍ୟାର ରୂପ ନେବ। ୨୦ ତାରିଖ ମଧ୍ୟାହ୍ନ ବେଳକୁ ଏହା ଘଣ୍ଟାପ୍ରତି ୧୨୦ରୁ ୧୩୦ କିମି ବେଗରେ ପବନ ସହ ଆନ୍ଧ୍ରପ୍ରଦେଶର ନେଲୋର ଓ ତୁନି ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏଥିପାଇଁ ଆନ୍ଧ୍ରପ୍ରଦେଶ ଓ ସଂଲଗ୍ନ ଦକ୍ଷିଣଓଡ଼ିଶା ଉପକୂଳ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ସମ୍ଭାବ୍ୟ ବାତ୍ୟା ମୁକାବିଲାକୁ ନେଇ ଆଜି ପ୍ରସ୍ତୁତି ବୈଠକ ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ପୂର୍ବ ବାତ୍ୟା 'ଅର୍ଣ୍ଣବ' ଯେଉଁଠାରେ ଲ୍ୟାଣ୍ଡଫଲ୍ କରିଥିଲା, ଏହି ବାତ୍ୟା ତା'ଠାରୁ ସାମାନ୍ୟ ଦୂରରେ ସ୍ଥଳଭାଗ ଛୁଇଁବ। ତଥାପି ଓଡ଼ିଶା ଉପରେ ଏହାର ପ୍ରଭାବ ପଡ଼ିବାକୁ ଥିବାରୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି।ସମ୍ଭାବ୍ୟ ବାତ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି କୋରାପୁଟ, ରାୟଗଡ଼ା, ଗଜପତି, ସୁନ୍ଦରଗଡ଼, ମାଲକାନଗିରି, କନ୍ଧମାଳ, ଗଞ୍ଜାମ ଓ ପୁରୀ ଭଳି ୮ଟି ଜିଲ୍ଲାରେ ବାତ୍ୟା ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ଛୁଟି ବାତିଲ ନେଇ ଜିଲ୍ଲାପାଳମାନେ ନିଷ୍ପତ୍ତି ନେବେ।

ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବଦିନ ଅର୍ଥାତ୍ ୧୮ ତାରିଖରୁ ବର୍ଷା ବଢ଼ିବା ସହ



୧୯ ଓ ୨୦ ତାରିଖରେ ଗଞ୍ଜାମ, ଗଜପତି, ପୁରୀ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ବିଶେଷକରି ଗଞ୍ଜାମ, ପୁରୀ ଓ ଗଜପତି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ତଳିଆ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାବେଳେ, ଆସନ୍ତାକାଲି ସୁଦ୍ଧା ସମସ୍ତ ଜିଲ୍ଲାକୁ ଶୁଖିଲା ଖାଦ୍ୟ, ପିଇବା ପାଣି ଓ ଔଷଧ ପଠାଇ ଦିଆଯିବ। ଭାରତୀୟ ନୌସେନାକୁ ଷ୍ଟାଣ୍ଡବାଏରେ ରଖାଯାଇଥିବାବେଳେ ମୁଖ୍ୟ ସଚିବ କେନ୍ଦ୍ର ସରକାରଙ୍କ ସହ ନିୟମିତ ଯୋଗାଯୋଗରେ ରହିଛନ୍ତି ଓ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ ସମେତ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

ବାତ୍ୟା 'ଅର୍ଣ୍ଣବ' ସମୟରେ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷତି ହୋଇଥିବାରୁ ଏଥର ସରକାର ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି। ଜିଲ୍ଲାପାଳମାନଙ୍କୁ ଭୂସ୍ଖଳନ ପ୍ରବଣ ପାହାଡ଼ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ, ଏପର୍ଯ୍ୟନ୍ତ ଗଜପତି ଜିଲ୍ଲାରେ ୧୪୭ଟି, କନ୍ଧମାଳରେ ୬୨ଟି ଓ ରାୟଗଡ଼ାରେ ୫୫ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ ହୋଇସାରିଛି। ଟେଲିକମ୍ୟୁନିକେସନ୍ ବ୍ୟବସ୍ଥାକୁ ସୁଦୃଢ଼ ରଖିବା ପାଇଁ ଅସ୍ଥାୟୀ ମୋବାଇଲ ଟାୱାର ବ୍ୟବସ୍ଥା କରିବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବାତ୍ୟା ମୁକାବିଲା ପାଇଁ ମୋଟ ୭୪ଟି ଉଦ୍ଧାରକାରୀ ଟିମ୍ ମୁତୟନ କରିବା ନେଇ ବୈଠକରେ ଆଲୋଚନା ହୋଇଛି। ଏଥିରେ ୬୦ଟି ଓଡ୍ରାଫ୍ ଓ ୧୪ଟି ଏନଡିଆରଏଫ୍ ଟିମ୍ ସାମିଲ ଅଛନ୍ତି। ଏହି ଦଳଗୁଡ଼ିକୁ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ପୁରୀ ସମେତ ଅନ୍ୟାନ୍ୟ ପ୍ରଭାବିତ ଜିଲ୍ଲାରେ ଆଗୁଆ ମୁତୟନ କରାଯିବ। ଏହା ସହ ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ, ଡଙ୍ଗା, ଯାନବାହନ, ଆଲୋକୀକରଣ ଓ ଅନ୍ୟାନ୍ୟ ଜରୁରୀ ଉପକରଣର ସ୍ଥିତି ଯାଞ୍ଚ କରି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପଟେ ସମ୍ଭାବ୍ୟ ପ୍ରବଳ ବର୍ଷା ଓ ବନ୍ୟା ସ୍ଥିତିକୁ ଏଡ଼ାଇବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଆଗୁଆ ବଡ଼ଧରଣର ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବ ବାତ୍ୟା 'ଅର୍ଣ୍ଣବ' ସମୟରେ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ନଦୀବନ୍ଧ ଓ କେନାଲ ବନ୍ଧ କ୍ଷତିଗ୍ରସ୍ତ ହୋଇଥିଲା। ଗଞ୍ଜାମ ଜିଲ୍ଲାରେ ଅନେକ ଜଳଭଣ୍ଡାରର ମରାମତି କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଥିବା ବଡ଼ ବଡ଼ ଘାଇ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମରାମତି ହୋଇପାରିନାହିଁ। ତେଣୁ ଆଗାମୀ ବର୍ଷାରେ ବନ୍ଧ ଉପରେ ଅତିରିକ୍ତ ଚାପ ନପଡ଼ିବା ପାଇଁ ଜଳଭଣ୍ଡାରଗୁଡ଼ିକରେ ଆଗୁଆ ଖାଲି ସ୍ଥାନ ସୃଷ୍ଟି କରାଯାଉଛି। ଗଞ୍ଜାମ, ଗଜପତି, କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ଜଳଭଣ୍ଡାରଗୁଡ଼ିକର ଜଳସ୍ତରକୁ ୫୦ ପ୍ରତିଶତକୁ ଖସାଇ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି।ବିଭାଗୀୟ ସଚିବଙ୍କସ୍ତରରେ ଲଗାତାର ସମୀକ୍ଷା ବୈଠକ କରାଯାଉଥିବାବେଳେ ଆସନ୍ତାକାଲି ଜଳ ସମ୍ପଦ ବିଭାଗ ସଚିବ ଗଞ୍ଜାମ ଗସ୍ତରେ ଯାଇ ସ୍ଥିତି ସମୀକ୍ଷା କରିବେ। ରକ୍ଷିକୂଲ୍ୟା ବେସିନର ୬ଟି, ବାହୁଦା ବେସିନର ୨ଟି ଓ ବଂଶଧାରା ବେସିନର ୨ଟି ମଧ୍ୟମ ଧରଣର ଜଳଭଣ୍ଡାର ସମେତ କୋଲାବ, ଇନ୍ଦ୍ରାବତୀ, ବାଲିମେଳା ଓ ତେଲେଙ୍ଗିରି ଭଳି ବଡ଼ ଡ୍ୟାମ୍ ଉପରେ କଡ଼ା ନଜର ରଖାଯାଇଛି।

ବିଧାନସଭା ପ୍ରସ୍ତୁତି ନେଇ ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୬।୧୧(ମହାଭାରତ): ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନରେ ଆସନ୍ତା ଓଡ଼ିଶା ବିଧାନସଭା ଅଧିବେଶନର ପ୍ରସ୍ତୁତି, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଓ ଅପରାଧ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଛି।

ବୈଠକରେ ଆଗାମୀ ବିଧାନସଭା ଅଧିବେଶନକୁ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ କରିବା ନିମନ୍ତେ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ଆଗାମୀ ଦିନରେ ରାଷ୍ଟ୍ରପତି, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟର ମୁ



ଜୀବନଚର୍ଯ୍ୟା



ପ୍ରସ୍ତୁତ କରନ୍ତୁ ଚଟପଟା 'ସୁଜି ଆପେ'



ସନ୍ଧ୍ୟା ସମୟରେ କିଛି ଚଟପଟା ଟିଫିନ କରିବାକୁ ଇଚ୍ଛା ହେଉଛି କି ତେବେ ଘରେ ପ୍ରସ୍ତୁତ କରନ୍ତୁ ସୁଜି ଆପେ । ଏହା ସ୍ୱାଦିଷ୍ଟ ଡିସ୍ ଛୋଟ ପିଲାଠୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସିଥାଏ । ତେବେ ଆସନ୍ତୁ କିପରି ପ୍ରସ୍ତୁତ କରିବେ ସୁଜି ଆପେ ଆଜି ଆମେ ଆପଣଙ୍କୁ ସେ ବିଷୟରେ ଟିପ୍ସ ଦେବୁ ।

ଆବଶ୍ୟକୀୟ ସାମଗ୍ରୀ: ସୁଜି, ଦହି, ସୋରିଷ:- ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର, କଟା ଟମାଟୋ, ସ୍ୱାଦ ଅନୁସାରେ ଲୁଣ, ଖାଇବା ସୋଡା ଓ ତେଲ ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ସୋରିଷ-ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର ଓ କଟା ଟମାଟୋ ପକାଇ ଭାଜି ରଖନ୍ତୁ । ଏବେ ଆଉ ଏକ ପାତ୍ରରେ ଦହି ଓ ପାଣି ମିଶାଇ ସେଥିରେ ସୁଜି ପକାଇ ଭଲଭାବେ ଗୋଳାନ୍ତୁ । ଏହାପରେ ଦହି ଓ ସୁଜି ମିଶ୍ରଣରେ ଭଜା ମସଲା, ଲୁଣ ଓ ଖାଇବା ସୋଡା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏବେ ଏକ ଛାଞ୍ଚରେ ତେଲ ମାରି ମସଲାଗୋଳା ସୁଜିକଚ ରଖି ଘୋଡଣୀ ଘୋଡାଇ ଦିଅନ୍ତୁ । ୫ ମିନିଟ୍ ପରେ ଘୋଡଣୀ ବାହାର କରି ତାକୁ ଲେଉଟାଇ ଦେଇ ପୁଣି ଘୋଡଣୀ ଘୋଡାଇ ଦିଅନ୍ତୁ । ଦୁଇ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ସୁଜି ଆପେ' ।


ଖବର

ବକ୍ସ ଅଫିସ୍‌ରେ 'ରାମାୟଣ'ର ରେକର୍ଡ



ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଅଭିନୀତ ଚଳଚ୍ଚିତ୍ର 'ରାମାୟଣ' ବକ୍ସ ଅଫିସ୍‌ରେ ଜବରଦସ୍ତ ପ୍ରଦର୍ଶନ କରୁଛି । ରିଲିଜ୍ ପରଠାରୁ ଫିଲ୍ମଟି ଲଗାତାର ଭଲ ଆୟ କରିବା ସହ ନୂଆ ନୂଆ ରେକର୍ଡ ସୃଷ୍ଟି କରୁଛି । ମାତ୍ର ୧୨ ଦିନ ମଧ୍ୟରେ ଏହାର ବିଶ୍ୱବ୍ୟାପୀ ଆୟ ୧୩୮.୫୦ କୋଟି ଟଙ୍କାରେ ପହଞ୍ଚିଛି । ଏହି ସଫଳତା ସହ ଫିଲ୍ମଟି ଅନେକ ବଡ଼ ବଲିଉଡ୍ ଚଳଚ୍ଚିତ୍ରର ଆୟକୁ ପଛରେ ପକାଇ ଦେଇଛି ।ପ୍ରଥମ ସପ୍ତାହରେ ମଧ୍ୟ ଫିଲ୍ମଟିର ପ୍ରଦର୍ଶନ ଅତ୍ୟନ୍ତ ଦମ୍‌ଦାର ରହିଥିଲା । ରିପୋର୍ଟ ଅନୁଯାୟୀ, ନଭେମ୍ବର ୧୨ ତାରିଖରେ ପ୍ରଥମ ସପ୍ତାହ ଶେଷ ସୁଦ୍ଧା ଭାରତରେ ଏହା ୫୬୪ କୋଟି ଟଙ୍କା ଆୟ କରିଥିଲା । ଖାସ୍ କଥା ହେଉଛି, ପ୍ରଥମ ସପ୍ତାହରେ ସୋମବାର ଦିନ ଏକ ହିନ୍ଦୀ ଚଳଚ୍ଚିତ୍ର ଭାବେ ସର୍ବାଧିକ ଆୟର ରେକର୍ଡ ମଧ୍ୟ ଏହା ନିଜ ନାମରେ କରିଥିଲା । ମଙ୍ଗଳବାର ଓ ବୁଧବାର ମଧ୍ୟ ଏହାର ଆୟ ଉତ୍ସାହଜନକ ରହିଥିଲା ।ଦ୍ୱିତୀୟ ସପ୍ତାହରେ ମଧ୍ୟ ଫିଲ୍ମର ଲୋକପ୍ରିୟତା କମିନାହିଁ । ଅଷ୍ଟମ ଦିନରେ ଏହା ୫୩.୫୦ କୋଟି ଟଙ୍କା ଆୟ କରିଥିବାବେଳେ ଶୁକ୍ରବାର ୪୮ କୋଟି ଟଙ୍କା ରୋଜଗାର କରିଥିଲା । ଦ୍ୱିତୀୟ ଶନିବାର ଦିନ ଆୟରେ ବଡ଼ ବୃଦ୍ଧି ଦେଖାଯାଇଥିଲା । ଏହି ଦିନ ଫିଲ୍ମଟି ୭୨.୯୦ କୋଟି ଟଙ୍କା ଆୟ କରିଥିଲା । ଦ୍ୱିତୀୟ ରବିବାର ଅର୍ଥାତ୍ ୧୧ତମ ଦିନରେ ଏହାର ଆୟ ୭୫ କୋଟି ଟଙ୍କା ରହିଥିଲା ।୧୨ତମ ଦିନର ତଥ୍ୟ ଅନୁଯାୟୀ, ଭାରତରେ ଫିଲ୍ମର ମୋଟ ନେଟ୍ ? କଲେକ୍ସନ ୭୬୧.୧୨ କୋଟି ଟଙ୍କା ହୋଇଥିବାବେଳେ ଗ୍ରସ୍ କଲେକ୍ସନ ୯୦୯.୬୧ କୋଟି ଟଙ୍କାରେ ପହଞ୍ଚିଛି । ଅନ୍ୟପକ୍ଷରେ ବିଦେଶରେ ଏହା ୪୭୫.୫୦ କୋଟି ଟଙ୍କା ଆୟ କରିଛି । ଏହାକୁ ମିଶାଇ ଫିଲ୍ମର ବିଶ୍ୱବ୍ୟାପୀ ମୋଟ ଆୟ ୧୩୮୪.୫୦ କୋଟି ଟଙ୍କା ହୋଇଛି । ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରଣବୀର କପୁର ଶ୍ରୀରାମ, ସାଇ ପଲ୍ଲବୀ ସୀତା ଏବଂ ୟଶ ରାବଣ ଭୂମିକାରେ ଅଭିନୟ କରିଛନ୍ତି । ରବି ଦୁବେ ଲକ୍ଷ୍ମଣ ଭୂମିକାରେ ନଜର ଆସିଛନ୍ତି ।

ଶିବ ପୁରାଣ



ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଲୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ଦେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା ମଧ୍ୟରୁ ରୁଦ୍ର ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି ।

.୦

ରୁଦ୍ରାକ୍ଷ ପିନ୍ଧିଛନ୍ତି କି ?

ଭଗବାନ ଶିବଙ୍କ କୃପା ପାଇଁ ରୁଦ୍ରାକ୍ଷ ଧାରଣ କରିବା ପରମ୍ପରା ପୁରୁଣା କାଳରୁ ଚାଲି ଆସୁଛି । ଉଜ୍ଜୟିନୀ ଜ୍ୟୋତିଷ ଓ ଶିବମହାପୁରାଣ କଥାକାର ପଣ୍ଡିତ ମନୀଷ ଶର୍ମାଙ୍କ କହିବାନୁଯାୟୀ, ରୁଦ୍ରାକ୍ଷ ଶିବଙ୍କ ଲୁହରୁ ଉତ୍ପନ୍ନ ହୋଇଥିଲା । ପୁରାଣ ଅନୁଯାୟୀ, ଥରେ ଭଗବାନ ଶିବ ଧ୍ୟାନରେ ବସିଥିବା ସମୟରେ ତାଙ୍କୁ ଆଖିରୁ ଲୁହ ଝରିଥିଲା । ଶିବଙ୍କ ଆଖିରୁ ଝରିଥିବା ଏହି ଲୁହ ରୁଦ୍ରାକ୍ଷ ବୃକ୍ଷରେ ପରିଣତ ହୋଇଥିଲା । ରୁଦ୍ରାକ୍ଷ ଏକମୁଖୀରୁ ୨୧ ମୁଖି ଥାଏ । ରୁଦ୍ରାକ୍ଷ ଧାରଣ କରିବା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ । ଯେଉଁମାନେ ରୁଦ୍ରାକ୍ଷ ଧାରଣ କରନ୍ତି, ସେମାନଙ୍କୁ ଅଧର୍ମ କର୍ମରୁ ଦୂରେଇ ରହିବ ଆବଶ୍ୟକ । ରୁଦ୍ରାକ୍ଷ ଧାରଣ କରୁଥିବା ସାକାହାରୀ ଭୋଜନ କରିବା ଉଚିତ । ମାଂସାହାରୀ ହେବା ଅନୁଚିତ । ଏମାନେ ସମସ୍ତଙ୍କୁ ସମ୍ମାନ କରିବା ଉଚିତ । ଭୁଲରେ ମଧ୍ୟ ମାତାପିତାଙ୍କୁ ଅନାଦର କିମ୍ବା ଅସମ୍ମାନ କରିବା ଅନୁଚିତ । ସର୍ବଦା ମାତାପିତାଙ୍କ ସେବା କରିବା ଉଚିତ । କୌଣସି ପ୍ରକାର ନିଶା ଦ୍ରବ୍ୟ ସେବନ କରିବା ଅନୁଚିତ । ଯେଉଁମାନେ ଏହିସବୁ ନିୟମ ପାଳନ କରିପାରିବେ ନାହିଁ ସେମାନେ ରୁଦ୍ରାକ୍ଷ ଧାରଣ କରିବା ଅନୁଚିତ । ରୁଦ୍ରାକ୍ଷ ୩ ପ୍ରକାରର । କିଛି ରୁଦ୍ରାକ୍ଷର ଆକାର ଅଁଳା ଭଳି ଗୋଲ । ଏହି ରୁଦ୍ରାକ୍ଷ ସବୁଠାରୁ ଉତ୍ତମ ବୋଲି ବିଶ୍ୱାସ ରହିଛି । କିଛି ରୁଦ୍ରାକ୍ଷ ବରକୋଳି ଆକାରର ହୋଇଥାଏ । ଏହି ରୁଦ୍ରାକ୍ଷ ମଧ୍ୟମ ଫଳଦାୟୀ ବୋଲି ବିଶ୍ୱାସ ରହିଛି । ତୃତୀୟ ରୁଦ୍ରାକ୍ଷର ଆକାର ଚଣା ଭଳି, ଏହା ସବୁଠାରୁ କମ୍ ଫଳଦାୟୀ । ଯଦି ଆପଣ ରୁଦ୍ରାକ୍ଷ ଧାରଣ କରିବାକୁ ଚାହୁଁଛନ୍ତି ତାହେଲେ କିଛି ବିଶେଷ ଜିନିଷ ଉପରେ ଦୃଷ୍ଟି ଦିଅନ୍ତୁ । ଯଦି କୌଣସି ରୁଦ୍ରାକ୍ଷରେ ପୋକ ଲାଗି ଯାଇଥାନ୍ତି କିମ୍ବା ନଷ୍ଟ କରିଦେଇଥାନ୍ତି ତାହେଲେ ତାକୁ ଧାରଣ କରନ୍ତୁ ନାହିଁ । ଯଦି ରୁଦ୍ରାକ୍ଷର କୌଣସି ଅଂଶ ଭାଙ୍ଗି ଯାଇଥାଏ କିମ୍ବା ସମ୍ପୂର୍ଣ ଗୋଲ ନଥାଏ ତାହେଲେ ତାକୁ ମଧ୍ୟ ଧାରଣ କରନ୍ତୁନାହିଁ । ରୁଦ୍ରାକ୍ଷରେ ଛୋଟ ଛୋଟ ଦାନା ଫୁଟି ଉପରକୁ ବାହାରିଥିଲେ ତାହା ଅସଲି ବୋଲି ଜାଣିବେ । ଯେଉଁ ରୁଦ୍ରାକ୍ଷ ମଝିରେ ପୂର୍ବରୁ କଣା ଥାଏ ତାକୁ ଶ୍ରେଷ୍ଠ ବୋଲି ବିଶ୍ୱାସ କରାଯାଏ ।ରୁଦ୍ରାକ୍ଷ ଧାରଣ କରିବାର ସରଳ ବିଧି : ଯଦି ଆପଣ ରୁଦ୍ରାକ୍ଷ ଧାରଣ କରିବାକୁ ଚାହୁଁଛନ୍ତି ତାହେଲେ ଏହି ବିଧି ଅନୁଯାୟୀ ଧାରଣ କରନ୍ତୁ । ରୁଦ୍ରାକ୍ଷ ସୋମବାର ଧାରଣ କରିବା ଉଚିତ । ରୁଦ୍ରାକ୍ଷ ସୋମବାର ଦିନ କିଣିବା ଉଚିତ । ସୋମବାର ଛଡା ଅନ୍ୟ ଶୁଭ ଲଗ୍ନରେ ମଧ୍ୟ ରୁଦ୍ରାକ୍ଷ ଧାରଣ କରାଯାଇପାରିବ । ରୁଦ୍ରାକ୍ଷ କିଣିବା ପରେ କୌଣସି ଶିବ ମନ୍ଦିର ଯାଇ ରୁଦ୍ରାକ୍ଷକୁ କଞ୍ଚା କ୍ଷୀର, ପଞ୍ଚାମୃତ, ପଞ୍ଚଗବ୍ୟ କିମ୍ବା ଗଙ୍ଗାଜଳରେ ପବିତ୍ର କରିବେ । ଅଷ୍ଟଗନ୍ଧ, କେଶର, ଚନ୍ଦନ, ଧୂପ-ଦୀପ, ଫୁଲ ଆଦିରେ ଶିବଲିଙ୍ଗ ଏବଂ ରୁଦ୍ରାକ୍ଷକୁ ପୂଜା କରନ୍ତୁ । ଶିବଙ୍କ ମନ୍ତ୍ର ଓଁ ନମଃ ଶିବାୟ ୧୦୮ ଥର ଜପ କରିବେ । ଏହାପରେ ନାଲି ସୁତା, ସୁନା କିମ୍ବା ରୁପାରେ ରୁଦ୍ରାକ୍ଷ ଧାରଣ କରିପାରିବେ । ରୁଦ୍ରାକ୍ଷ ଧାରଣ କରିବା ପରେ ପ୍ରତିଦିନ ସକାଳୁ ଭଗବାନ ଶିବଙ୍କୁ ନିଶ୍ଚୟ ଆରାଧନା କରିବେ । ଶିବଲିଙ୍ଗରେ ତମ୍ବା ଜାଲରେ ଜଳ ଅର୍ପଣ କରିବେ ଓ ଧର୍ମ ଅନୁସାରେ କର୍ମ କରିବା ଉଚିତ ।



ପିଲାଙ୍କଠାରେ ସ୍ୱଳ୍ପ ଦୃଷ୍ଟିଶକ୍ତି ସମସ୍ୟା ବହୁତ ବିପଜ୍ଜନକ



ଆଜିକାଲି ଛୋଟ ପିଲାଙ୍କଠାରେ ସ୍ୱଳ୍ପ ଦୃଷ୍ଟିଶକ୍ତି (ଲୋ ଭିଜନ) ସମସ୍ୟା ବହୁତ ଦେଖା ଯାଉଛି । ସାଧାରଣତଃ ଏହି ସମସ୍ୟା ଖରାପ ଜୀବନଶୈଳୀ, ଅଧିକ ମାତ୍ରାରେ ପାଠ ପଢ଼ିବା, ଟିଭି କିମ୍ବା ମୋବାଇଲ ଦେଖିବା ନିଶା ଯୋଗୁ ଦେଖା ଯାଉଛି । ତେବେ ଏହି ସମସ୍ୟାର କିଛି ବିଶେଷ ଲକ୍ଷଣ ଥାଏ । ଉଦାହରଣ ସ୍ୱରୂପ, ପରିଚିତ ଚେହେରାକୁ ଚିହ୍ନିବାରେ ଅସୁବିଧା, ପାଠପଢ଼ାରେ ଅସୁବିଧା, ଝାପ୍ସା ଦେଖାଯିବା, ରଙ୍ଗ ଏବଂ କଣ୍ଟ୍ରାଷ୍ଟ ମଧ୍ୟରେ ପାର୍ଥକ୍ୟ ନ କରିପାରିବା, ମୁଣ୍ଡବିନ୍ଧା, ଆଖି ଲାଲ୍ ପଡ଼ିବା କିମ୍ବା ଚାପ ଅନୁଭବ ହେବା ଇତ୍ୟାଦି । ଏମିତିରେ ଠିକ୍ ସମୟରେ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଆସନ୍ତୁ ଜାଣିବା କି, ପିଲାଙ୍କଠାରେ ସ୍ୱଳ୍ପ ଦୃଷ୍ଟିଶକ୍ତି ସମସ୍ୟାର କାରଣ କ'ଣ ।

ସ୍ନାୟୁଗତ ସମସ୍ୟା: ସ୍ନାୟୁଗତ ସମସ୍ୟା କାରଣରୁ ପିଲାମାନଙ୍କଠାରେ ଦୁର୍ବଳ ଦୃଷ୍ଟିଶକ୍ତି ସମସ୍ୟା ଦେଖା ଦେଇପାରେ। ଆଖି ସହ ଜଡିତ ସ୍ନାୟୁଗୁଡ଼ିକର ଡ୍ୟାମେଜ୍ ହେଲେ ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ।

ଆନୁବଂଶିକ ପ୍ରଭାବ: ଯଦି ପରିବାରର କୌଣସି ସଦସ୍ୟଙ୍କୁ ଭଳି ସମସ୍ୟା ରହିଥାଏ, ତ ଏହି ଆନୁବଂଶିକ କାରଣରୁ ବି ପିଲାମାନଙ୍କ ଆଖି ଦୁର୍ବଳ କ୍ଷହାଇଥାଏ। ଏହା ବ୍ୟତୀତ ଜନ୍ମଗତ ସମସ୍ୟା ଏବଂ ଆଖି ସହ ଜରିତ ସମସ୍ୟା ଯେପରି ଗ୍ଲୁକୋମା, ମୋତିଆବିନ୍ଦୁ, ରେଟିନୋବ୍ଲାଷ୍ଟୋମା ଭଳି ରୋଗ ମଧ୍ୟ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇଥାଏ।

ପ୍ରତିକାର

-ପିଲାମାନଙ୍କଠାରେ ଏପରି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ଦ୍ୱାରା ଆଖି ଯାଞ୍ଚ କରେଇ ନିଅନ୍ତୁ।

-ପିଲାମାନଙ୍କର ଖାଦ୍ୟ ଏବଂ ଜୀବନଶୈଳୀରେ କିଛି ପରିବର୍ତ୍ତନ କରି ସେମାନଙ୍କ ଆଖିକୁ ସୁସ୍ଥ ରଖନ୍ତୁ।

-ଭିଟାମିନ୍ ଏ'ରେ ଭରପୂର ଜିନିଷ ଖାଇବାକୁ ଦିଅନ୍ତୁ। ଯେପରି, ସବୁଜ ପତ୍ରଯୁକ୍ତ ପନିପରିବା, ଅଣ୍ଡା, କ୍ଷୀର, ଗାଜର, ହଳଦିଆ କିମ୍ବା କମଳା ପନିପରିବା, ପାଳଙ୍ଗ, ଶାକରକନ୍ଦା, ଅମୃତଭଣ୍ଡା, ଦହି ଏବଂ ସୋୟାବିନ୍।

-ଖାଦ୍ୟରେ ଡାଲି, ଡ୍ରାଏ ଫ୍ରୁଟସ୍ ଏବଂ ମଞ୍ଜି ଖାଆନ୍ତୁ।

-ଓମେଗା ୩ରେ ଭରପୂର ଖାଦ୍ୟ ଖାଆନ୍ତୁ।

-ପଢ଼ିବା, ଲେଖି ଶୈଳୀକୁ ଠିକ୍ କରନ୍ତୁ। ଯେପରି ପିଲାକୁ ଶୋଇକି ପଢ଼ିବାକୁ ଦିଅନ୍ତୁ ନାହିଁ।

-ପଢ଼ିବା ସମୟରେ କୋଠରୀରେ ଆଲୋକ ସଠିକ୍ ରଖନ୍ତୁ।

-ପିଲାମାନଙ୍କୁ ପାଖରୁ ମୋବାଇଲ୍ ଏବଂ ଟିଭି ଦେଖିବାଠୁ ଦୂରେଇ ରଖନ୍ତୁ।

ଧର୍ମରାଜ ଯୁଧିଷ୍ଠିରଙ୍କ ନିଷ୍ପତ୍ତି



ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ। ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ କି ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର, କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ ? ତୁମେ କାହା ଜୀବନ ଝହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଝହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ। ମାତ୍ର ମାଆ ମାଦ୍ରୀଙ୍କର ୨ ପୁତ୍ର ନକୁଳ ଓ ସହଦେବ। ମୁଁ ଜୀବିତ ଅଛି ଯେହେତୁ ମାଆ କୁନ୍ତୀଙ୍କ କୋଳ ଖାଲି ହେବ ନାହିଁ। ମୁଁ ଭୀମ କିମ୍ବା ଅର୍ଜୁନଙ୍କୁ ବଞ୍ଚାଇବାକୁ ଝହିଁଲେ ମାଆ ମାଦ୍ରୀଙ୍କ ପ୍ରତି ଅନ୍ୟାୟ ହେବ। ତାଙ୍କ କୋଳ ଖାଲି ନହେବା ପାଇଁ ତାଙ୍କର ଜ୍ୟେଷ୍ଠ ପୁତ୍ର ନକୁଳର ଜୀବନ ଦାନ ଦିଅନ୍ତୁ।' ଯୁଧିଷ୍ଠିରଙ୍କ କଥାରେ ଖୁସି ହୋଇ ଯକ୍ଷ ସମସ୍ତଙ୍କ ଜୀବନ ଫେରାଇ ଦେଇଥିଲେ।

ନଗରନକ୍ସା ମହାନଗରର ନିଜ ଭାଷା

ଜିଏସଡିପି ଆକଳନ ପ୍ରକ୍ରିୟା ସୁଦୃଢ଼ କରିବାକୁ ଗୁରୁତ୍ୱ



ଭୁବନେଶ୍ୱର, ୧୬।୧୧ (ମହାଭାରତ): ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡିପି) ଆକଳନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼, ଗୁଣାତ୍ମକ ଓ ନିର୍ଭରଯୋଗ୍ୟ କରିବା ଲକ୍ଷ୍ୟରେ ଗୁରୁବାର ଭୁବନେଶ୍ୱର ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରରେ ଏକ ରାଜ୍ୟସ୍ତରୀୟ ପରାମର୍ଶମୂଳକ କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଜିଏସଡିପି ଆକଳନରେ ବିଭିନ୍ନ ବିଭାଗର ସକ୍ରିୟ ସହଭାଗିତା ଓ ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (ଏମ୍ଓଏସ୍ପିଆଇ) ଅଧୀନ ଜାତୀୟ ଆକାଉଂଟସ୍ ବିଭାଗ (ଏନ୍ଏଡି)ର ସହଯୋଗରେ ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଏହି କର୍ମଶାଳାର ଆୟୋଜନ କରିଥିଲା। ଏଥିରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ସମେତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ଅଧିକାରୀ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଯୋଗ ଦେଇଥିଲେ। କର୍ମଶାଳାରେ ଜାତୀୟ ଆକାଉଂଟସ୍ ବିଭାଗ ପକ୍ଷରୁ ଜିଏସଡିପି ଆକଳନର ପଦ୍ଧତିଗତ ଢାଂଚା ସମ୍ପର୍କରେ ଏକ ଉପସ୍ଥାପନା କରାଯାଇଥିଲା। ଏହାପରେ ବିଭିନ୍ନ କ୍ଷେତ୍ରଭିତ୍ତିକ ଆଲୋଚନା ମାଧ୍ୟମରେ ତଥ୍ୟଗତ ଅଭାବ ଚିହ୍ନଟ କରିବା ସହ ରାଜ୍ୟ ନିର୍ଦ୍ଦିଷ୍ଟ ହାର ଓ ଅନୁପାତ ପ୍ରସ୍ତୁତି ପାଇଁ ଆବଶ୍ୟକ ତଥ୍ୟ ଏବଂ ତଥ୍ୟ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା। ଫସଲ ଉତ୍ପାଦନ, ପ୍ରାଣୀପାଳନ, ମତ୍ସ୍ୟଚାଷ ଓ ଜଳକୃଷି, ବନୀକରଣ ଓ କାଠ ଉତୋଳନ ଏବଂ ଅଣ-ଆର୍ଥିକ ସେବା କ୍ଷେତ୍ରର ଅବଦାନ ଆକଳନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଅସଂଗଠିତ ସେବା କ୍ଷେତ୍ରର ଅର୍ଥନୈତିକ ଅବଦାନକୁ ସଠିକ୍ ଭାବେ ଆକଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ନୂତନ ଆଧାର ବର୍ଷ ପ୍ରଚଳନ ସହ ଜଡ଼ିତ ପଦ୍ଧତିଗତ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଜିଏସଡିପି ଆକଳନ ପ୍ରଣାଳୀକୁ ଅନୁକୂଳ ଓ ମିତ୍ର ଜିଏସଡିପି ଆକଳନର ବିଭିନ୍ନ ପଦ୍ଧତିଗତ ଦିଗ ଉପରେ ସ୍ୱଷ୍ଟୀକରଣ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ଉଠାଇଥିବା ପ୍ରଶ୍ନ ଓ ସନ୍ଦେହର ମଧ୍ୟ ସେ ଉତର ରଖିଥିଲେ। କର୍ମଶାଳାରେ ଜିଏସଡିପି ଆକଳନ ପ୍ରକ୍ରିୟାକୁ ଅଧିକ ସୁସଂଗଠିତ କରିବା ପାଇଁ କେତେକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଏଥିରେ ସମ୍ପୃକ୍ତ ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ପ୍ରତିନିଧିତ୍ୱ ସହ ବିଭାଗୀୟ କମିଟି ଗଠନ କରିବା ପ୍ରସ୍ତାବ ରହିଥିଲା। ଏହି କମିଟିଗୁଡ଼ିକ ତଥ୍ୟର ଆବଶ୍ୟକତା ସମୀକ୍ଷା କରିବା, କ୍ଷେତ୍ରଭିତ୍ତିକ ତଥ୍ୟର ଅଭାବ ଚିହ୍ନଟ କରିବା ଏବଂ ଆବଶ୍ୟକ ସୂଚନା ନିର୍ଦ୍ଧାରିତ ସମୟରେ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରିବେ। ଏଥିସହ ଜିଏସଡିପି ସମ୍ପର୍କିତ ତଥ୍ୟ ସଂଗ୍ରହର ବର୍ତମାନର ବ୍ୟବସ୍ଥା, ତଥ୍ୟର ପରିସର ଓ ରିପୋର୍ଟ ପ୍ରଦାନ ପ୍ରଣାଳୀର ସମୀକ୍ଷା କରି ଆବଶ୍ୟକ ସଂସ୍କାର ଆଣିବା ଉପରେ ମଧ୍ୟ ମତ ପ୍ରକାଶ ପାଇଥିଲା।

ଆଦିବାସୀ ସମାଜ ଉପେକ୍ଷିତ : ବିଜେଡ଼ି

ଭୁବନେଶ୍ୱର, ୧୬।୧୧ (ମହାଭାରତ): ଗତ ଅଢେଇ ବର୍ଷର ବିଜେପି ସରକାରରେ ଓଡ଼ିଶାର ଆଦିବାସୀ ମାନେ ଅସୁରକ୍ଷିତ ହୋଇପଡିବା ସହ ବାରମ୍ବାର ନିର୍ଯାତନାର ଶିକାର ହେଉଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଆଦିବାସୀ ହୋଇଥିବା ବେଳେ ତାଙ୍କ ଜିଲ୍ଲା କେନ୍ଦୁଝରରେ ସାନ୍ତାଳ ସମ୍ପ୍ରଦାୟର ପୂଜାସ୍ଥଳୀ ଉପରେ ଆକ୍ରମଣ ନିନ୍ଦନୀୟ । ଏହି ଘଟଣାକୁ ନେଇ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ମନ୍ତ୍ରୀ ତଥା ଆଦିବାସୀ ସେଲ୍ର ସଭାପତି ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଆଜି କେନ୍ଦୁଝର ଜିଲ୍ଲାର ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବସନ୍ତପୁରା ଗ୍ରାମ ପରିଦର୍ଶନ କରିଥିଲା । ରାଜନୈତିକ ଉଦ୍ଦେଦ୍ଶ୍ୟ ରଖି ବଜରଙ୍ଗ ଦଳ ସହ ସମ୍ପୃକ୍ତ ବ୍ୟକ୍ତି ମାନେ ସାନ୍ତାଳ ସମ୍ପ୍ରଦାୟର ପୂଜାସ୍ଥଳୀରେ ଆଦିବାସୀଙ୍କ ଉପରେ କରିଥିବା ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହ ଘଟଣା ସମ୍ପର୍କରେ ସାନ୍ତାଳ ସମ୍ପ୍ରଦାୟର ଲୋକମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲା ପ୍ରତିନିଧି ଦଳ । ଏହି ଗସ୍ତ ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ପ୍ରତିନିଧି ଦଳ। ଗତ ୨୩ ଅକ୍ଟୋବର ୨୦୨୬ ତାରିଖରେ ସାନ୍ତାଳ ସମ୍ପ୍ରଦାୟର ପବିତ୍ର ପୂଜାସ୍ଥଳୀ ଜାହେର ଥାନ୍ (ଜାହେରା) ଠାରେ ବଜରଙ୍ଗ ଦଳର କିଛି ବ୍ୟକ୍ତି ମାନେ ପବିତ୍ର ପ୍ରବେଶ କରି ଭଙ୍ଗାରୁଜା କରିଥିଲେ । ଏନେଇ ଥାନାରେ ଅଭିଯୋଗ କରିବା ପରେ ମଧ୍ୟ ପୋଲିସ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଜେଡିର ଏହି ପ୍ରତିନିଧି ଦଳରେ ସାନନ୍ଦ ମାରାଣ୍ଡି, ଧନୁର୍ଜୟ ସିଦ୍ଧୁ, ମାଧବ ସର୍ଦ୍ଦାର, ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ, ଦେବାଶିଷ ମାରାଣ୍ଡି, ଡ଼ ପ୍ରିୟବ୍ରତ ମାଝୀ, ଆଶିଷ ଚକ୍ରବର୍ତ୍ତୀ, ଶ୍ରୀମତୀ ସାଗରିକା ସାହୁ, ସୋମନାଥ ଦାସ, ଶ୍ରୀନାଥ ସୋରେନ୍, ଶ୍ରୀମତୀ ଭାରତୀ ହାଁସଦା ପ୍ରମୁଖ ସାମିଲ ଥିଲେ।

ଯୁଦ୍ଧକାଳୀନ ଭିତିରେ ଜାନିଭିଲି ଆନିକଟର କାର୍ଯ୍ୟ

ଭୁବନେଶ୍ୱର,୧୬।୧୧ (ମହାଭାରତ): ବନ୍ୟା ଯୋଗୁଁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଜାନିଭିଲି ଆନିକଟ୍ ର ପୁନରୁଦ୍ଧାର କାର୍ଯ୍ୟକୁ ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ମିଶନ ମୋଡ୍ ରେ ହାତକୁ ନେଇଛି। ବ୍ରହ୍ମପୁର ସହର ଏବଂ ଏହାର ଆଖପାଖ ଅଂଚଳର ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାନୀୟ ଜଳ ଯୋଗାଣ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ଜଳ ଭିତିଭୂମିର ସୁରକ୍ଷା ଓ ଶୀଘ୍ର ପୁନରୁଦ୍ଧାରକୁ ବିଭାଗ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛି। ବନ୍ୟା ପରବର୍ତୀ ସ୍ଥିତିରେ ଜାନିଭିଲି ଆନିକଟ୍ ର ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ ତ୍ୱରିତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ବାମ ପାର୍ଶ୍ୱର ଆବଟମେଂଟ୍ ସହ ଉପର ଓ ତଳ ପାର୍ଶ୍ୱର ଆପ୍ରନ୍ କ୍ଷତିଗ୍ରସ୍ତ ହୋଇଛି। ଏହାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଭାଗ ତୁରନ୍ତ ପୁନରୁଦ୍ଧାର ପଦକ୍ଷେପ ଗ୍ରହଣ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ତତ୍କାଳୀନ ପଦକ୍ଷେପ ସ୍ୱରୂପ ନଦୀ ଜଳକୁ ବ୍ରହ୍ମପୁର ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସହାୟତା କରୁଥିବା ୱାଟ୍କୋ କଫରଡ୍ୟାମ୍ ଆଡ଼କୁ ପ୍ରବାହିତ କରିବା ନିମନ୍ତେ ଆନିକଟ୍ ର ଉପର ପାର୍ଶ୍ୱରେ ପଥର ପ୍ୟାକିଂ କାର୍ଯ୍ୟ କରାଯାଉଛି। ଏଥିସହିତ, କ୍ଷତିଗ୍ରସ୍ତ ବାମ ପାର୍ଶ୍ୱ ଆବଟମେଂଟ ଏବଂ ଉପର ଓ ତଳ ପାର୍ଶ୍ୱର ଆପ୍ରନ୍ ?ର ପୁନଃନିର୍ମାଣ ପାଇଁ ଆବଶ୍ୟକ ପ୍ରସ୍ତୁତିମୂଳକ କାର୍ଯ୍ୟ ମଧ୍ୟ ଜାରି ରହିଛି। ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ନିରାପଦ ପରିବେଶ ସୃଷ୍ଟି କରାଯାଇ ସ୍ଥାୟୀ ପୁନରୁଦ୍ଧାର କାର୍ଯ୍ୟ ସମ୍ପାଦନ କରାଯିବ। ଏହି ପୁନରୁଦ୍ଧାର କାର୍ଯ୍ୟର ଦାୟିତ୍ୱ ଓଡ଼ିଶା ନିର୍ମାଣ ନିଗମ (ଓସିସିଏଲ୍)କୁ ପ୍ରଦାନ କରାଯାଇଛି। ଜଳ ସମ୍ପଦ ବିଭାଗର ତତ୍ତ୍ୱାବଧାନରେ ଓସିସିଏଲ୍ ସର୍ବାଧିକ ପ୍ରାଥମିକତା ଭିତିରେ କାର୍ଯ୍ୟ ସମ୍ପାଦନ କରୁଛି। ଯୁଦ୍ଧକାଳୀନ ଭିତିରେ ଆବଶ୍ୟକ ମାନବ ସମ୍ବଳ, ଯନ୍ତ୍ରପାତି ଓ ନିର୍ମାଣ ସାମଗ୍ରୀ ନିୟୋଜିତ କରାଯାଇଛି। ଏକାଧିକ କାର୍ଯ୍ୟକୁ ସମାନ୍ତରାଳ ଭାବେ କରାଯାଇ ପୁନରୁଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଜାନିଭିଲି ଆନିକଟ୍ ବ୍ରହ୍ମପୁର ସହରର ପାନୀୟ ଜଳ ସୁରକ୍ଷାର ଏକ ପ୍ରମୁଖ ଆଧାର। ଏହା

ଉତ୍ତର-ପୂର୍ବାଞ୍ଚଳରେ ହିଂସା

ଓଡ଼ିଶା, ଛତିଶଗଡ଼ ଆଦି ମାଓ ଉପଦ୍ରୁତ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦୀଙ୍କ ମୁକାବିଲା ନିମନ୍ତେ କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା ପଡୁଛି । ସେହିପରି ମଣିପୁର ସମେତ ଦେଶର ଉତ୍ତର-ପୂର୍ବାଞ୍ଚଳରେ ମଧ୍ୟ ବହୁ ସଂଖ୍ୟକ କେନ୍ଦ୍ରୀୟ ଫୋର୍ସ ମୁତୟନ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖିଲେ ସିଆରପିଏଫ ଏବଂ ବିଏସଏଫ ଭଳି କେନ୍ଦ୍ରୀୟ ବାହିନୀର ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ ନିହାତି ଆବଶ୍ୟକ । ମଣିପୁରରେ ସାନି ହିଂସା ପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଅଧିକ କେନ୍ଦ୍ରୀୟ ଫୋର୍ସ ମୁତୟନ ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଯଥାର୍ଥ । କାରଣ ରାଜ୍ୟ ପୋଲିସ ସ୍ଥିତି ସମ୍ଭାଳିବାକୁ ଅସମର୍ଥ । ଏହା ମଧ୍ୟ ସ୍ୱାଭାବିକ । ଏଥିପାଇଁ ରାଜ୍ୟ ପୋଲିସକୁ ଦୋଷ ଦେବା ଅନୁଚିତ । ସାଧାରଣ ଅପରାଧକୁ ନିୟନ୍ତ୍ରଣ କରିବା ପୋଲିସର ଦାୟିତ୍ୱ । କିନ୍ତୁ ଯେଉଁଠି ହିଂସା ପଛରେ ଉଗ୍ରବାଦୀ ଏବଂ ଅନୁପ୍ରବେଶକାରୀଙ୍କ ହାତ ରହିଛି, ସେଠାରେ କେନ୍ଦ୍ରୟ ଫୋର୍ସ ମୁତୟନ ଜରୁରୀ । କିନ୍ତୁ ମଣିପୁରର ବିଭିନ୍ନ ସ୍ଥାନରେ ଏବେ କେନ୍ଦ୍ରୀୟ ଫୋର୍ସ ମୁତୟନକୁ ବିରୋଧ କରି ସାନି ହିଂସା ଦେଖିବାକୁ ମିଳିଛି । ଉତ୍ତ୍ୟକ୍ତ ଜନତା ଥାନା ଉପରେ ଆକ୍ରମଣ କର ଏହାକୁ ଜାଳ ଦେଇଛନ୍ତ । ପରସ୍ଥିତ ଅଧିକ ଜଟଳ ହୋଇଛ । ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ୱର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ । ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି । ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର । ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ । ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି । କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ । ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏସବୁ ରାଜ୍ୟ ଅନଗ୍ରସର । ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା । ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି । ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି । ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା । ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ । ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି । ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି । ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା । ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି । ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି । ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି । ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି । କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି । କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି । କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି । ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି । ରାଜ୍ୟରେ ବୀରେନ ସିଂହଙ୍କ ନେତୃତ୍ୱାଧିନ ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି । ରପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି । ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧ୍ୟମରେ ପାଟ୍ରୋଲିଂ କରାଯାଉଛି ।

ଫୋନରେ ଅଭ୍ୟାସଗତ ବ୍ୟସ୍ତତା : 'ଫବିଙ୍ଗ'

॥ ଗୋପବନ୍ଧୁ ॥

*ଆଜିର ବ୍ୟସ୍ତ ବହୁଳ ସମୟରେ ଦେଖନ୍ତୁ ଜଣେ ନିଜକୁ ଚାହିଁଲେ ବି ସହଜରେ ମୋବାଇଲର ଏହି ତଥାକଥିତ ଫବିଙ୍ଗ ମାନସିକତାରୁ ନିଜକୁ ଦୂରେଇ ପାରୁନାହିଁ । ଏହା ନିଶ୍ଚିନ୍ତ ଭାବରେ ଏକ ପ୍ରକାର ଅହେତୁକ ବିକୃତି । ଭଗବାନଙ୍କ ପ୍ରଦତ୍ତ ସୃଷ୍ଟିରେ ଆମ ସମସ୍ତଙ୍କୁ ନିଜ ନିଜ ରୁଟିନ ବନ୍ଧା ଦୈନନ୍ଦିନ ଜୀବନ ଭିତରେ ବିଭିନ୍ନ କାର୍ଯ୍ୟ କରିବାକୁ ପଡ଼ିଥାଏ । ଖାଇବା, ଶୋଇବା, ଅବସର ବିନୋଦନ, ନିଜ ବ୍ୟକ୍ତିଗତ ସଂସ୍ଥାନର ଦାୟିତ୍ୱ, ପାରିବାରିକ ଦାୟିତ୍ୱ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଜୀବନର କର୍ତ୍ତବ୍ୟବୋଧ ମଧ୍ୟ ରହିଛି । କିନ୍ତୁ ସମସ୍ତେ ଏହାକୁ ପାଳନ କରିପାରୁନାହାଁନ୍ତି । ଏହା ଦିନକୁ ଦିନ ଏପରି ଜଟିଳ ଆଡ଼କୁ ଜଣକୁ ମୁହାଁଉଛି ଯେ ପରବର୍ତ୍ତୀ ସମୟରେ ଏହା ତାର ସ୍ୱାସ୍ଥ୍ୟଗତ ଜୀବନ, ବ୍ୟକ୍ତିଗତ ଜୀବନ ଓ ଦାମ୍ପତ୍ୟ ଜୀବନକୁ ମଧ୍ୟ ପ୍ରଭାବିତ କରୁଛି । ଏହା ଜାଣିମଧ୍ୟ ଅଜଣା ଭାବେ ନିଜର କେତେ ଯେ ମାରାତ୍ମକ ଭୁଲ ଆମେ କରୁଛେ ତାହା ଜାଣିବା ତ ସହଜ ନୁହଁ । ଅନେକ ବିଭିନ୍ନ ବାହାନା ମଧ୍ୟ କରନ୍ତି କିନ୍ତୁ ଏହି ଘଣ୍ଟା ଘଣ୍ଟା ଧରି ଫବିଙ୍ଗର ବିକୃତ ଜୀବନ ଜଣକୁ ନୈରାଶ୍ୟ ଓ ଅବସାଦ ଭିତରକୁ ଠେଲି ଦେଇଥାଏ ସେମାନେ ଆଖପାଖର ଦୁନିଆକୁ ଭଲଭାବେ ବୁଝିପାରି ନଥାନ୍ତି ଆଉ ଅନେକଙ୍କ ବୁଝିଲାବେଳକୁ ନେତିଗୁଡ଼ କହୁଣୀକୁ ବୋହିଯାଏ । ଘଣ୍ଟା ଘଣ୍ଟା ଧରି ମୋବାଇଲ ଦେଖିବା ଦ୍ୱାରା ପ୍ରଥମତଃ ଆଖି ଉପରେ ଚାପ ପଡ଼ିଥାଏ, ଦ୍ୱିତୀୟତଃ ସ୍ୱାଭାବିକ ଜୀବନ ଉପରେ ଏହା କିପରି ପ୍ରଭାବ ପକାଇଥାଏ ତାହା ଜଣେ ସହଜରେ ବୁଝିପାରିନଥାଏ । ଅନ୍ୟ ଜଣେ ବୁଝାଇଲେ ଏହା ସେମାନଙ୍କୁ ଅଡୁଆ ଓ ଅଶ୍ୱସ୍ତିକର ଲାଗିଥାଏ । ଦ୍ୱିତୀୟତଃ ନିଜର ସୃଜନଶୀଳ ଶକ୍ତି ବା ଚିନ୍ତାଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ଏଥିରୁ ମୁକ୍ତି ପାଇବା ପାଇଁ ବାଟ ରହିଛି । ଜଣେ ଚାହିଁଲେ ଏଥିରୁ ନିଜକୁ ବଦଳାଇ ପାରିବ । ଜଣେ ସର୍ବପ୍ରଥମେ ଚିନ୍ତାକରୁ ମୁଁ ଯେଉଁମାନଙ୍କ ସହ ଜୀବନ ବିତାଉଛି ସେମାନଙ୍କ ସହିତ କେତେ ସମୟ ବ୍ୟକ୍ତିଗତ ସାମ୍ନାସାମ୍ନି ବସି କଥାବାର୍ତ୍ତା ହେଉଛି ? ଖାଇବାରୁ ଶୋଇବା ପର୍ଯ୍ୟନ୍ତ କେତେ ଘଣ୍ଟା ମୋବାଇଲରେ ନିଜକୁ ବ୍ୟସ୍ତ ରଖୁଛି । ରୁଟିନ୍ ଭିତରେ ଏକ ବଡ଼ ନିର୍ଘଣ୍ଟ ତିଆରି କରନ୍ତୁ ଯେ ମୁଁ ଆଜି ମୋବାଇଲ ଠାରୁ ସମ୍ପୂର୍ଣ୍ଣ ଦୂରେଇ କେତେ ସମୟ ବିତାଇ ପାରିବି । କିଛି ବାଟ ଚଲାବୁଲା କରନ୍ତୁ, ବ୍ୟକ୍ତିଗତ ଭାବେ କଥାବାର୍ତ୍ତା ହୁଅନ୍ତୁ କିଛି ବହିପତ୍ର ବା ଖବରକାଗଜ ପଢ଼ନ୍ତୁ । ନିଜ ଲୋକମାନଙ୍କ ସହ ସମୟ ବିତାଇବା ସହ ଶାରୀରିକ ପରିଶ୍ରମ କିଛି କରନ୍ତୁ ଏବଂ ଅତି ଭଲ ହେବ ଯୋଗାସନ ବା ପ୍ରାଣାୟମ ଅଭ୍ୟାସ ରଖୁଥିଲେ । ଏହାସହ କିଛି ସମୟ ନୀରବରେ ବସି ନିଜ ସହ କଥା ହୁଅନ୍ତୁ । ଏସବୁରେ ଆପଣଙ୍କୁ ଜଣେ ମାନସିକ ରୋଗ ବିଶେଷଜ୍ଞ ଉଚିତ ପରାମର୍ଶ ଦେଇପାରିବେ ଆପଣ ତାଙ୍କ ସହାୟତା ନିଅନ୍ତୁ । ନିଜକୁ ବ୍ୟସ୍ତ, ଅଧେଅର୍ଯ୍ୟ, ଉତ୍ତେଜିତ ରଖନ୍ତୁ ନାହିଁ । କର୍ମସଂସ୍ଥାନର ଚାପ ନିଜ ପରିବାର ଭିତରକୁ ଆଣନ୍ତୁ ନାହିଁ । ଦେଖିବେ ଆପଣ ଚାହିଁଲେ ଆପଣଙ୍କ ଦୁନିଆ ଖୁବ ଭଲ ହେବ । ଆପଣ ଫବିଙ୍ଗରୁ ମୁକ୍ତ ହୋଇ ଏକ ସ୍ୱାଭାବିକ ଜୀବନ ବିତାଇ ପାରିବେ । ଏହା ଆପଣଙ୍କ ଭଲ ଜୀବନକୁ ଆହୁରି ପ୍ରଶସ୍ତ କରିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ବ୍ୟବହାର ନିଷିଦ୍ଧ

॥ ଅଜୟ କୁମାର ବେହେରା ॥

ନିଷେଧ, ଶବ୍ଦ ଅଛି ବୋଲି ଆବଶ୍ୟକର ଆବଶ୍ୟକ ଅଛି । ଦ୍ରବ୍ୟ ସୁଲଭ ସର୍ବଦା ଅଭାବୀ ମନୁଷ୍ୟଙ୍କ ପାଇଁ ଆବଶ୍ୟକ । ମନୁଷ୍ୟର ଖାଦ୍ୟପେୟ, ବାସଗୃହ, ବସ୍ତ୍ର, ଅତି ଦରକାରୀ ଆବଶ୍ୟକ ମାତ୍ର ଆୟ ଦେଖି ଏ ସବୁ ବ୍ୟବହାର କରିବାକୁ ପଡ଼େ । ପେଟ ଭରି ଭୋକ ମାରିବା ମୂଳକଥା ହେଲେ ବି ସବୁ ପ୍ରକାର ଖାଦ୍ୟ ସମସ୍ତଙ୍କ ପାଇଁ କେବେ ଯୁଟିନପାରେ । ଶୋଷ ମାରିବାକୁ ପେୟ ପଦାର୍ଥ ଜଳ ଅତି ଆବଶ୍ୟକ । ମାତ୍ର ଏ ଦୁଇଟିରେ ଧର୍ମୀୟ ପରମ୍ପରା ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟେ ପୁଣି ଆୟକୁ ଦେଖି ଏହାକୁ ସଂଗ୍ରହ ବା ବ୍ୟବହାର କରିବାକୁ ପଡୁଛି । ମନୁଷ୍ୟ ଆମ ଓଡ଼ିଶାରେ କେବଳ 'ଭାତ'କୁ ଭୋଜନର ମୂଳ ଉତ୍ସ ବହୁ ବର୍ଷ ହେଲା କରୁଛନ୍ତି ଏଥିରେ ଉଷୁନା, ଉଆ, ଅରୁଆ ଚାଉଳ ସମ୍ବନ୍ଧ ରହିଛି । ଗ୍ରାମ ଓଡ଼ିଶାରେ ପଖାଳ ତୋରାଣୀ ଖାଦ୍ୟ ପାନୀୟ କିନ୍ତୁ ଦ୍ରବ୍ୟ ଚାଲାଣ ବ୍ୟାପକ ହେବାରୁ ଗହମ ଓ ତହିଁରୁ ପ୍ରସ୍ତୁତ ଅଟା ମଇଦା ସୁଜି ଦ୍ୱାରା ଲୋକେ ପ୍ରଭାବିତ ହୋଇ କେବଳ ରୁଟି ନୁହେଁ ପୁରୀ, ରୁଟି, କଚୁଡି, ସିଙ୍ଗଡ଼ା ଅନେକ ପ୍ରକାର ଗହମଜାତ ବୃର୍ଣ୍ଣରୁ ମିଠା କରି ଭୋଜନ ବ୍ୟବସ୍ଥା କରିଛନ୍ତି । ମାଟିହାଣ୍ଡି, କାଠପତ୍ର ଜଳା ଚୁଲି ବେଳକୁ ବେଳ ଦୁର୍ଲଭ ହେଲା । ପଖାଳ ଏକ ଦରିଦ୍ରୀ ଖାଦ୍ୟ ପରି ଲୋକେ ମନେ କରିଲେ । ଆସ୍ତେ ଆସ୍ତେ ଅଲମିନିୟମ ହାଣ୍ଡି, ଷ୍ଟିଲ ହାଣ୍ଡି, ପ୍ରେସରକୁକର ଆଦି ରୋଷେଇର ଧାରା ବଦଳାଇ ଦେଇଛି । ଫଳରେ ପୂର୍ବ ପାଖଳଖିଆ ଲୋକଙ୍କ ଯେତେ ରୋଗ ପ୍ରତିରୋଧ ଶକ୍ତି ଥିଲା ଏହାପରେ କେବେ ବଢ଼ି ବଢ଼ି ଚାଲିଛି ଏହା କେହି ସମୀକ୍ଷା କରୁନାହାଁନ୍ତି ।

ଶ୍ରୀକ୍ଷେତ୍ର ପୁରୀ ମନ୍ଦିରରେ ମାଟିହାଣ୍ଡି କୁଡୁଆରେ ପ୍ରସ୍ତୁତ ରୋଷେଇର ଅନ୍ନ କାହିଁ କେତେ ବର୍ଷ ଧରି କାଠଚୁଲିରେ ରୋଷେଇ ହେଉଛି । ଏ ଦିବ୍ୟାନ୍ନ ନିଶ୍ଚେ ଏବେ ବି ଲୋକପ୍ରିୟ । ସ୍ୱାଦିଷ୍ଟ ଦିବ୍ୟ ବାସ୍ନାଯୁକ୍ତ । ଅନେକ ମସଲା ତେଲ ସଂଯୋଗରେ କରାଯିବା ବାହାର ପ୍ରସ୍ତୁତ ଡାଲି କେବେ ପୁରୀ ମନ୍ଦିର ଡାଲି ଭଳି ଲାଗିବ ନାହିଁ । ହେଲେ ଆମିଷ ଭକ୍ଷକମାନେ ଟିକେ ଭିନ୍ନ ସ୍ୱାଦ ପ୍ରିୟ ଯୋଗୁ ବା ଭିନ୍ନଧର୍ମୀମାନେ କେମିତି ଅଦରକାରୀ ମନେକରୁଛନ୍ତି । କୈବଲ୍ୟର ନିନ୍ଦା ହେବା ଅସହ୍ୟ, ଅନେକ ମୁଣ୍ଡରେ ଲଗାଇ ସମ୍ମାନ କଲେ ବି ଭୋଜନରେ ନା ମଙ୍ଗା । ପାଣି ପ୍ରାଣ ରକ୍ଷକ । ଶୋଷ କାଳରେ ବ୍ୟକ୍ତିର ପାଟିରେ ପାଣି ଦେବା ଏକ ବଡ଼ ଧର୍ମ କାର୍ଯ୍ୟର ବିଶ୍ୱାସ ଏବେ ବି ଅଛି । କୂପ, ପୁଷ୍କରଣୀ ଖନନ ଓ ଖରାଦିନେ ଜଳଛତ୍ର ଦେବା ପୁଣ୍ୟ କାର୍ଯ୍ୟରେ ଆସେ । ପଶୁପକ୍ଷୀ ମାନଙ୍କ ପାଇଁ ଲୋକେ ଜଳ ବ୍ୟବସ୍ଥା କରୁଛନ୍ତି । ଜଳତୀର୍ଥରେ ଅନେକ ନଦନଦୀ, ପୁଷ୍କରିଣୀ ସ୍ନାନ ଓ ଜଳକୁ ପବିତ୍ର ମନେ କରାଯାଏ । ବିଶୁଦ୍ଧ ପରିଷ୍ଟୃତ ଏମିତି ଦୁଇ ପ୍ରକାର ଧାରା ଜଳ ପାଇଁ ବି ଲାଗେ । ପାନୀୟ ବିଶୁଦ୍ଧ ଜଳରେ ଆବଶ୍ୟକ କରାଯାଏ । ପରିଷ୍ଟୃତ ଜଳ ଭିନ୍ନ ବ୍ୟବହାରରେ ଲାଗେ । ପଶୁମାନେ ପୁଷ୍କରିଣୀର ନଦୀର ଜଳ ପାନ କରୁଛନ୍ତି ଦିନେ ମନୁଷ୍ୟ ଏପରି କରୁଥିଲା ହେଲେ ନିଜେ ମଣିଷ ପରିତ୍ୟକ୍ତ ଆବର୍ଜନା ନଦୀ ଜଳରେ ଛାଡ଼ି ଜଳକୁ ଦୂଷିତ କରୁଛି । ଏ ପାଇଁ ସେ ଜଳକୁ ନିଷେଧ ମନେ କରୁଛି । ହେଲେ ପଶୁମାନେ ସେପରି ଜଳ ଏବେ ବି ପାନ କରୁଛନ୍ତି । ଯଦିବା ତାଙ୍କର ଦେହର କ'ଣ କ୍ଷତି ଏହା କାହାକୁ ବୁଝିବାକୁ ବେଳ ନାହିଁ । ଏଣେ ବିଷାକ୍ତ ପିଇ ପିଇ ଶରୀର ତାଙ୍କର ଦେହସୁଆ ହୋଇଯାଇଛି । ଜଳ ଦୂଷିତରେ ମାଛ, କଙ୍କଡ଼ା ପରି ଜଳ ଜୀବନ ଅନେକ ସମୟରେ ମରି ଭାସୁଛନ୍ତି ତଥାପି ପରିତ୍ୟକ୍ତ ବିଷାକ୍ତ ପାଣିରେ ଅନେକ ମାଛ ବଞ୍ଚିଥାନ୍ତି ତାଙ୍କୁ ଲୋକେ ବି ଭକ୍ଷଣ କରୁଛନ୍ତି ଯଥା ଶେଉଜ, କଉ, ମାଗୁର, ତୋଡି ପରି ପଙ୍କୁଆ ମାଛ । ଦ୍ରବ୍ୟଗୁଣ ଶାସ୍ତ୍ରରେ ଏ ସବୁ ଭୋଜନରେ କି କ୍ଷତି ହୁଏ ଏହା ଏବେ ନୁହଁ ବହୁ ଆଗରୁ ଲେଖା ଅଛି । ପାଣି ଏମିତି ହେଲା ପାଣି ପୁଣି ମାପରେ ବିକ୍ରୀ ଓ ମାପରେ ମିଟର ବସାଇ ଉଡ଼ାଜାହାଜ, ରେଲଗାଡ଼ି ଓ ସହରରେ ପାଣି ପିଇବାକୁ ମିଳିବ ନାହିଁ । ମାଟି ବି ଏପରି କୁମ୍ଭାରମାନେ ମାଟି ଖୋଳି ଆଣି ତାକୁ କାଦୁଅ କରି ହାଣ୍ଡି ଗଢୁଥିଲେ । ସମୟ ହେଲା ମାଟି କୁମ୍ଭାରମାନେ କିଣିଲେ । ଏମିତି ତାଙ୍କର ବୃତ୍ତିରେ କଞ୍ଜାମାଲ ମୁଫ୍ତ ଥିଲା ଏବେ ତାହା ମୂଲ୍ୟବାନ ନଦୀର ବାଲି ପାଇଁ ସରକାରୀ କର ଆଦାୟ ଚାଲିଛି । ଲୋକଙ୍କ ଆବଶ୍ୟକ ବଢ଼ିଲା 'ମାଟି', ପାଣି ବିକ୍ରୀ ହେଲା । ମାଟିତଳୁ ପାଣି ଉଠାଇବା ନିଷିଦ୍ଧ ।

ପ୍ରଶାସନରେ ପୂର୍ବରୁ ନଦୀରେ ରାଜଘାଟ, ନାରୀଘାଟ, ଗୋଘାଟ, ପୁରୁଷସ୍ନାନ ଘାଟ, ନାରୀ ସ୍ନାନ ଘାଟ, ଡଙ୍ଗାଘାଟ, ଲୁଗାକଚା ଘାଟ, ଶବ ସଂସ୍କାରିଙ୍କ ପ୍ରେତକ୍ରିୟା ଘାଟ ଥିଲା । ଏବେ ଏଥିରୁ ଅନେକ ଘାଟ ନାହିଁ । ହେଲେ ଯେଉଁ ଉଦ୍ଦେଶ୍ୟରେ ଏ ଘାଟ ସ୍ଥାନ ଥିଲା ତାହାର କାମ ଅନେକ ସମୟରେ ଏକ ଘାଟରେ କରାଯାଉଛି ତେବେ ରାଜଘଟ, ରାଣୀଘାଟ ପାଇଁ ଭିଆଇପି ପ୍ରଚେଷ୍ଟା ଏବେ କାମ କଲାଣି । ଲୋକେ ତତ୍କାଳ ସ୍ୱାଧୀନତା ହରା ହେଉଛନ୍ତି । କିଛି ଜାତିର ପାଟକର ଲୋକେ ନଥିଲେ ଏକ ବଡ଼ ଧରଣର ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ନୁହଁ । ଯଥା ଶଙ୍ଖୁଆ, ବାଜା ବଜାଳି ହେଲେ ତତ୍କାଳ ସମାଜ ତାଙ୍କୁ ଅବହେଳିତ ସ୍ତରରେ ରଖାଉଥିଲେ । ସେମାନଙ୍କ ନିଜର ପରିବାର ଭୋଜନରୁ ଅଂଶ ବି ଦିଆଯାଏ ହେଲେ ସେମାନେ ପରିବାର ସମ୍ବନ୍ଧରେ ବି ହେୟ ଥିଲେ । ଏସବୁ ମୂଳରେ କିଛି ମୁଷ୍ଟିମେୟଙ୍କ ଲୋକ ଅନେକ ନିଷିଦ୍ଧ ଲଗାଇ ଦେଇଥିଲେ । ଲୋକେ ତାଙ୍କୁ ତାଙ୍କର ଖାଦ୍ୟ ପାନୀୟ ଓ କୁବାକ୍ୟ ପ୍ରୟୋଗ ଯୋଗୁ ହୁଏତ ଏପରି କରିଥିଲେ ମାତ୍ର ଏବେ ଭଦ୍ର ସମାଜରେ ଥିବା ଲୋକେ ତାଙ୍କରି ପ୍ରକାର ଆଚରଣ ଖାଦ୍ୟ ପାନୀୟ ବ୍ୟବହାର କରୁଛନ୍ତି । କୁକୁଡ଼ା ପାଳନ, ପଙ୍କୁଆ ମାଛ, ଶାଳ, ଘଷିପଟା ଖସୁଆ ମାଛର ହାଇବ୍ରିଡି ଖାଇଲେଣି । କଇଁଛ, ବେଙ୍ଗ ଖାଉଛନ୍ତି । ଯୋଡା ଦୋକାନ କରୁଛନ୍ତି । ମଦ ପିଉଛନ୍ତି ମଦ ବାଣିଜ୍ୟ କରୁଛନ୍ତି, ଚୋରା କାରବାରରେ ଅନେକ ସମ୍ପୃକ୍ତ କଥା ଭାଷାରେ ମୂର୍ଖବୁଦ୍ଧିନାହିଁ । ଅଥଚ ଏମାନେ ପୂର୍ବ ଶାସ୍ତ୍ର ନିୟମରେ ଜନ୍ମିତ ଜାତପାତକ ଯୋଗୁଁ ଆସୁନାହାଁନ୍ତି । କିଛି ଭିକ୍ଷୁକ ଅଛନ୍ତି କାହାଘରୁ ଭିକ୍ଷା ଗ୍ରହଣ କରିବେ ନାହିଁ, କିଛି ସନ୍ନ୍ୟାସୀ ଅଛନ୍ତି କେଉଁ ଗୃହୀ ଘରକୁ ଯିବେ ନାହିଁ । କିଛି ଶାସନୀ ବ୍ରାହ୍ମଣ ଅଛନ୍ତି କାହା ପୁରୋହିତ ହେବେ ନାହିଁ, କିଛି ବ୍ୟକ୍ତି ଅଛି କାହାର ଅନ୍ନଜଳ ସ୍ପର୍ଶ କରିବେ ନାହିଁ ଏମିତି ନିଷିଦ୍ଧ ଏବେ ବି ମାନୁଛନ୍ତି । ବାଲୁତରୁ ବିଦ୍ୟାର୍ଜନ ଶେଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ ବୟସ, ଏବେ ପାଠପଢ଼ାରୁ ପ୍ରେମ ପ୍ରସଙ୍ଗ ଉଠିଲାଣି । ମୋବାଇଲ ଫୋନର କ୍ୟାମରା କ'ଣ ଛବି ନ ଦେଖାଉଛି । ଘରକିଳି ପ୍ରେମୀ ଯୁଗଳ ଏକାନ୍ତ ଗୋପନୀୟ କଥାଭାଷା ଅଙ୍ଗ ଦର୍ଶନ ହେଉଛନ୍ତି । ଏ ଯୁଗରେ ଜାତିଭ୍ରଷ୍ଟ ଏଇ ମୋବାଇଲ ହିଁ ପ୍ରଥମ ମୂଳଦୁଆ କରାଯାଉଛି । ଏହାକୁ ନିଷିଦ୍ଧ କରିବ କିଏ ? ଶାସ୍ତ୍ର ଲେଖା ଯେ ବୟାନ କରିବ ତାର କସୁର ହେବ ଦଣ୍ଡ କାହିଁ ମାଡ଼ି ଆସିବ । ଭେରସା ଯୁଗରେ ବୃଥା ମୂରବୀ ପଣିଆ ସିନା ପ୍ରକୃତରେ ଗୁରୁଜନମାନେ ଅବହେଳିତ । ଶାସ୍ତ୍ରଙ୍କମାନେ ମୁକ, ଏସବୁର ଗତି କୁଆଡ଼େ ?

ଦୂରଭାଷ : ୯୪୩୭୦୩୧୨୫୩

ପାର୍ଲିଆମେଣ୍ଟର ବିଧି ବ୍ୟବସ୍ଥା

॥ ଡାଃ ସୁରେନ୍ଦ୍ର ନାଥ ଦାଶ ॥

କୁହାଯାଏ, "Parliament is the temple of Democracy".ଏକ ଗଣତାନ୍ତ୍ରୀକ ରାଷ୍ଟ୍ରରେ ପାର୍ଲିଆମେଣ୍ଟ ଦେଶ ର ସର୍ବୋଚ୍ଚ ଅନୁଷ୍ଠାନ । ଇଂଲଣ୍ଡକୁ Mother of Parliaments କୁହାଯାଏ । ସ୍ୱାଧିନତା ପରେ ଆମେ ଇଂଲଣ୍ଡ ବା West minister ପ୍ରକାରର ଗଣତନ୍ତ୍ର କୁ ଗ୍ରହଣ କରିଛୁ । ୧୯୪୬ ମସିହାରେ ଗଠିତ ସମ୍ବିଧାନ ସଭା ୧୯୫୦ ମସିହାରେ ସମ୍ବିଧାନ ଗୃହିତ ହେଲାପରେ ପାର୍ଲିଆମେଣ୍ଟ ରେ ପରିଣତ ହେଲା । ସମ୍ବିଧାନର ଧାରା ୭୯ ରୁ ୮୮/୧୨୨ ପର୍ଯ୍ୟନ୍ତ ରେ ପାର୍ଲିଆମେଣ୍ଟ ବିଷୟରେ ବର୍ଣ୍ଣିତ ହୋଇଚି । ଭାରତର ପାର୍ଲିଆମେଣ୍ଟ ରେ ଏକ ଅପର ହାଉ

ଗଣତନ୍ତ୍ରର ସୁରକ୍ଷା କବଚ ସାମ୍ବାଦିକତା ଲୋକପ୍ରିୟତା ଅପେକ୍ଷା ଦାୟିତ୍ୱବୋଧ ଗୁରୁତ୍ୱପୂର୍ଣ୍ଣ

ଖୋର୍ଦ୍ଧାଜିଲ୍ଲା ପ୍ରେସକ୍ଲବ୍‌ରେ ଜାତୀୟ ପ୍ରେସ୍ ଦିବସ-୨୦୨୬ ପାଳିତ



ଖୋର୍ଦ୍ଧା, (ମହାଭାରତ) : ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମ କେବଳ ଖବର ପରିବେଷଣର ଏକ ମାଧ୍ୟମ ନୁହେଁ, ବରଂ ଏହା ସମାଜର ଦର୍ପଣ, ଜନସାଧାରଣଙ୍କ ସ୍ୱର ଏବଂ ଶାସନ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରହରୀ । ସତ୍ୟର ଅନୁସନ୍ଧାନ, ନିରପେକ୍ଷ ଖବର ପରିବେଷଣ, ଜନସ୍ୱାର୍ଥର ସୁରକ୍ଷା ଏବଂ ଅନ୍ୟାୟ ବିରୋଧରେ ନିର୍ଭୀକ ସ୍ୱର ଉତ୍ତୋଳନ କରିବା ସାମ୍ବାଦିକତାର ମୂଳଧର୍ମ ବର୍ତ୍ତମାନର ଡିଜିଟାଲ୍ ଯୁଗରେ ସୂଚନାର ବ୍ୟାପକ ପ୍ରସାର ସହିତ ଗୁଜବ, ଅପପ୍ରଚାର ଓ ଭ୍ରମାତ୍ମକ ଖବରର ଅହେତୁକ ବୃଦ୍ଧି ପାଇଥିବାରୁ ସାମ୍ବାଦିକତାରେ ନୈତିକତା, ଉତ୍ତରଦାୟିତ୍ୱ ଓ ବିଶ୍ୱସନୀୟତାର ଗୁରୁତ୍ୱ ଅଧିକ ବଢ଼ିଯାଇଛି । ଏଭଳି ଏକ ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ପ୍ରେସକ୍ଲବ୍ ପରିସରରେ ଜିଲ୍ଲା ପ୍ରେସ୍ କ୍ଲବ୍ ସମେତ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ), ଓଡ଼ିଶା କର୍ମଜୀବୀ ସାମ୍ବାଦିକ ୟୁନିଅନ୍ (ଓୟୁଡବ୍ଲ୍ୟୁଜେ) ଏବଂ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ଶାଖାଗୁଡ଼ିକର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ-୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରେସ୍ କ୍ଲବ୍ ସଭାପତି ତପନ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହକୁ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ପି. ସ୍ୱିଥ୍ ପରମାର ପୁରୁଷୋତ୍ତମ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା ଏବଂ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶ୍ୟାମଳେନ୍ଦୁ ମିତ୍ର ଯୋଗଦେଇ ସାମ୍ବାଦିକତାର ପ୍ରକୃତ ସଫଳତା ନିରପେକ୍ଷତା, ସତ୍ୟନିଷ୍ଠା ଓ ଜନସାଧାରଣଙ୍କ ଆସ୍ଥା ଅର୍ଜନ କରିବାରେ ହିଁ ଏହାର ପ୍ରକୃତ ସାର୍ଥକତା ନିହିତ। ଏକ ଖବର ପ୍ରକାଶ କିମ୍ବା ପ୍ରସାରଣ ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବା, ଉଭୟ ପକ୍ଷର ମତାମତ ନେବା, କାହାରି ବ୍ୟକ୍ତିଗତ ସମ୍ମାନ ଓ ସାମାଜିକ ସଦ୍‌ଭାବ ପ୍ରତି ଆଞ୍ଚ ନ ଆଣିବା ସାମ୍ବାଦିକଙ୍କ ନୈତିକ ଦାୟିତ୍ୱ। ତଥ୍ୟ ଅପେକ୍ଷା ଚର୍ଚ୍ଚା ଏବଂ ସତ୍ୟ ଅପେକ୍ଷା ସନ୍ଦେହକୁ ଗୁରୁତ୍ୱ ଦେବା ଦ୍ୱାରା ଗଣମାଧ୍ୟମର ବିଶ୍ୱସନୀୟତା କ୍ଷୁଣ୍ଣ ହେବାର ଆଶଙ୍କା ରହିଛି । ଜାତୀୟ ପ୍ରେସ୍ ଦିବସ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ମୁକ୍ତ, ସ୍ୱାଧୀନ ଓ ଦାୟିତ୍ୱସମ୍ପନ୍ନ ସାମ୍ବାଦିକତାର ମୂଲ୍ୟବୋଧକୁ ସ୍ମରଣ କରିବା ସହ ଗଣମାଧ୍ୟମର ନୈତିକ ମାନଦଣ୍ଡ ପ୍ରତି ସମାଜକୁ ସଚେତନ କରିବା। ସାମ୍ବାଦିକତା କେବଳ କ୍ଷମତାକୁ ପ୍ରଶ୍ନ କରିବାରେ ସୀମିତ ନୁହେଁ, ବରଂ ଜନସାଧାରଣଙ୍କ ସମସ୍ୟା, ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ସାମାଜିକ ନ୍ୟାୟ ଭଳି ପ୍ରସଙ୍ଗଗୁଡ଼ିକୁ ଲୋକଲୋଚନକୁ ଆଣିବା ମଧ୍ୟ ଏହାର ପ୍ରମୁଖ କର୍ତ୍ତବ୍ୟ। ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସହ ସାଧାରଣ ଲୋକଙ୍କ ଅଭାବ, ଅଭିଯୋଗ ଓ ଆକାଂକ୍ଷାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ଅତୁଳନୀୟ। ବିଶେଷକରି ସାମାଜିକ ଗଣମାଧ୍ୟମର ପ୍ରଭାବ ବଢ଼ିବା ସହିତ ଖବର ପରିବେଷଣର କ୍ଷେତ୍ର ଅଧିକ ବ୍ୟାପକ ହୋଇଛି । ମାତ୍ର ଏହା ସହିତ ମିଥ୍ୟା ଖବର, ଅସମ୍ପୂର୍ଣ୍ଣ ସୂଚନା ଓ ଅଯାଞ୍ଚିତ ଭିଡିଓ ପ୍ରସାରଣ ଏକ ଗମ୍ଭୀର ଆହ୍ୱାନ ଭାବେ ଉଭା ହୋଇଛି । ଏଣୁ ତ୍ୱରିତ ଖବର ପ୍ରସାରଣ ଅପେକ୍ଷା ସଠିକ୍ ଖବର ପ୍ରଦାନ, ପ୍ରତିଯୋଗିତା ଅପେକ୍ଷା ବିଶ୍ୱସନୀୟତା ଏବଂ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ଜନସ୍ୱାର୍ଥକୁ ପ୍ରାଥମିକତା ଦେବାର ରହିଛି ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ୍‌ର ସାଧାରଣ ସମ୍ପାଦକ ତଥା ଓୟୁଡବ୍ଲ୍ୟୁଜେର ଜିଲ୍ଲା ସଭାପତି ତଥା ପ୍ରକାଶ କୁମାର ହାତୀ, ୟୁଜେଏର ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରେସ୍ କ୍ଲବ୍‌ର ଉପସଭାପତି ପ୍ରସନ୍ନ କୁମାର ପାଇକରାୟ ଓ ଲଳିତ ମୋହନ ମହାପାତ୍ର ଏବଂ କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ଦାସଙ୍କ ସମେତ ତିନୋଟି ଜିଲ୍ଲା ସଂଗଠନ ଓ ପ୍ରେସ୍ କ୍ଲବ୍‌ର କର୍ମକର୍ତ୍ତା ଏବଂ ସଦସ୍ୟ ସଦସ୍ୟାମାନେ ଯୋଗ ଦେଇଥିଲେ । ଏହି ଅବସରରେ ନିମନ୍ତ୍ରିତ ଅତିଥିମାନଙ୍କୁ ପ୍ରେସ୍ କ୍ଲବ୍ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରେସ୍ କ୍ଲବ୍‌ର ଉପସଭାପତି ଲଳିତ ମୋହନ ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବାବେଳେ ଶେଷରେ ସାଧାରଣ ସମ୍ପାଦକ ପ୍ରକାଶ କୁମାର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ଶତାଧିକ ସାମ୍ବାଦିକ ଏହି ସମାରୋହରେ ଉପସ୍ଥିତ ରହି ପ୍ରେସ୍ ଦିବସର ମହତ୍ତ୍ୱ ଓ ସାମ୍ବାଦିକତାର ଭବିଷ୍ୟତ ସମ୍ପର୍କରେ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ ।

ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ୧୧ ଲକ୍ଷ ଟଙ୍କା ଏବେ ପାଣିରେ ପଡ଼ିଛି

ନୟାଗଡ଼, (ମହାଭାରତ) : ନୟାଗଡ଼ ମ୍ୟୁନିସିପାଲିଟି ରେ ରାସ୍ତା ନିର୍ମାଣରେ ହୋଇଛି ମହା ଦୁର୍ନୀତି। ନିମ୍ନମାନର କାମ ପାଇଁ ୬ ମାସ ଗଲାନି ରାସ୍ତା। ନୟାଗଡ଼ ପୌର ଯନ୍ତ୍ରୀଙ୍କ ଅବହେଳା ପାଇଁ ୧୧ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଭଳି ଦୁର୍ନୀତିର ଚିତ୍ର ଦେଖିବାକୁ ମିଳିଛି ମ୍ୟୁନିସିପାଲିଟିର ରାମେଶ୍ୱର ସାହି ରାସ୍ତାରେ। ରାସ୍ତା କାମ ହେବାର ୬ ରୁ ୮ ମାସ ଯାଇନି ସେପଟେ ଭୁଶୁଡ଼ି ପଡ଼ିଲାଣୀ କଂକ୍ରିଟ ରାସ୍ତାର କିଛି ଅଂଶ। ନୟାଗଡ଼ ପୌର ପରିଷଦ ଯନ୍ତ୍ରୀ ଙ୍କ ଅବହେଳା ଏବଂ ଠିକାଦାରଙ୍କ ସହିତ ମଧୁ ଚନ୍ଦ୍ରିକା ଭାବେ ଭିତିରି ବୁଝାମଣା ପାଇଁ ୧୧ ଲକ୍ଷ ଟଙ୍କା ଏବେ ପାଣିରେ ପଡ଼ିଛି। ବର୍ଷେ ତଳେ ନିର୍ମାଣ ହୋଇଥିବା ଏନ୍‌ଏସି ହାଇସ୍କୁଲ ଓ ରାମେଶ୍ୱର ସାହି ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ରାମେଶ୍ୱର ମହାଦେବ ମନ୍ଦିର ନିକଟସ୍ଥ ପୋଖରୀ ନିକଟରେ ରାସ୍ତା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ ଉକ୍ତ ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇଛି। ନିମ୍ନମାନର ରାସ୍ତା ନିର୍ମାଣ ହୋଇଥିବାରୁ ଅନେକ ସ୍ଥାନରେ ଫାଟ ଏବଂ ଗୋଡ଼ି ଉଠିବାରେ ଲାଗିଛି। ଗତ ମଙ୍ଗଳବାର ରାତିରେ ପୋଖରୀକୁ ଲାଗି ରହିଥିବା କଂକ୍ରିଟ ରାସ୍ତାର କିଛି ଅଂଶ ଭୁଶୁଡ଼ି ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ସମୟରେ ହୋଇଥିବା ଅନିୟମିତତାକୁ ସ୍ଥାନୀୟ ବାସିନ୍ଦା ଦାୟୀ କରିବା ସହ ସମ୍ପର୍ଣ୍ଣ ଅର୍ଥକୁ ଠିକାଦାର ଓ ଯନ୍ତ୍ରୀ ଙ୍କ ଠାରୁ ଆଦାୟ କରିବାକୁ ଦାବି କରିଛନ୍ତି। ଏହା ସହିତ ତୁରନ୍ତ ଉନ୍ନତ ମାନର ରାସ୍ତା ମରାମତି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୪୦୦ ମିଟର ଦୂରରେ ଏଭଳି ଅନିୟମିତତା ଏବଂ ଦୁର୍ନୀତି ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏହି ଘଟଣା ଏବେ ନୟାଗଡ଼ ପୌର କାର୍ଯ୍ୟାଳୟ ରେ ହେଉଥିବା ଦୁର୍ନୀତି ର ପୋଲ ଖୋଲି ଦେଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆ ଯିବ ବୋଲି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କହିଛନ୍ତି।

ମାଗଣା ବିଦ୍ୟୁତ୍ ମିଟର ଲଗାଇବା ନାଁରେ ୨୫୦ ଟଙ୍କା ଆଦାୟ ଅଭିଯୋଗ !

ରାଇଘର,(ମହାଭାରତ): ଗରିବ ଓ ଆଦିବାସୀ ପରିବାରଙ୍କ ଘରେ ବିଦ୍ୟୁତ୍ ଆଲୋକ ପହଞ୍ଚାଇବା ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ, ବିଦ୍ୟୁତ୍ ମିଟର ଲଗାଇବା ନାଁରେ ଗରିବ ଲୋକଙ୍କଠାରୁ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ମାଗଣାରେ ବିଦ୍ୟୁତ୍ ମିଟର ଲାଗିବା କଥା ଥିବାବେଳେ ପ୍ରତ୍ୟେକ ପରିବାରଠାରୁ ୨୫୦ ଟଙ୍କା ଲେଖାଏଁ ନିଆଯାଇଥିବା ଅଭିଯୋଗକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ଅନ୍ତର୍ଗତ କୁସୁମପୁର (ଦରିପାରା) ଗ୍ରାମରେ ଘରେ ଘରେ ବିଦ୍ୟୁତ୍ ମିଟର ଲଗାଇବା ସମୟରେ ବିଦ୍ୟୁତ୍ କର୍ମଚାରୀମାନେ ପ୍ରତ୍ୟେକ ପରିବାରଠାରୁ ୨୫୦ ଟଙ୍କା ଲେଖାଏଁ ଆଦାୟ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳର ଅଧିକାଂଶ ପରିବାର ଦିନମଜୁରି କରି ଜୀବନଯାପନ କରନ୍ତି। ଦିନକର ରୋଜଗାରରେ ପରିବାର ଚଳାଇବା ମଧ୍ୟ କଷ୍ଟକର ହୋଇପଡୁଥିବା ବେଳେ ବିଦ୍ୟୁତ୍ ମିଟର ଲଗାଇବା ପାଇଁ ଅତିରିକ୍ତ ୨୫୦ ଟଙ୍କା ଦେବା ସେମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।ସରକାର ଗରିବ ଲୋକଙ୍କୁ ବିଦ୍ୟୁତ୍ ସୁବିଧା ଯୋଗାଇଦେବା ପାଇଁ ଯୋଜନା କରୁଥିବା ବେଳେ ମିଟର ଲଗାଇବା ନାଁରେ ଗରିବ ପରିବାରଙ୍କଠାରୁ ଟଙ୍କା ନିଆଯିବାର ଆବଶ୍ୟକତା କ'ଣ ? ଯଦି ଏହି ସେବା ମାଗଣା, ତେବେ ଟଙ୍କା ଆଦାୟ କରାଗଲା କାହିଁକି ? ଆଦାୟ ହୋଇଥିବା ଟଙ୍କା କେଉଁ ଉଦ୍ଦେଶ୍ୟରେ ନିଆଯାଇଛି ଏବଂ ଏହାର କୌଣସି ସରକାରୀ ରସିଦ ଦିଆଯାଇଛି କି ନାହିଁ, ତାହା ଏବେ ତଦନ୍ତର ବିଷୟ।ଏନେଇ କମଳାବତୀ ଗଣ୍ଡ, ସହନ ଗଣ୍ଡ, ଧର୍ମଲାଲ ଗଣ୍ଡ, ରଘୁନାଥ ଗଣ୍ଡ, କଡଡି ଗଣ୍ଡ, ଗୋମତୀ ଗଣ୍ଡ, ଅତୁଆରୀ ଗଣ୍ଡ ଓ ତୁଳାବତୀ ଗଣ୍ଡଙ୍କ ସମେତ ଅନେକ ପୁରୁଷ ଓ ମହିଳା ଅଭିଯୋଗ ଉଠାଇଛନ୍ତି।ତେବେ ଏହି ଘଟଣାର ସତ୍ୟତା କ'ଣ ? ବିଦ୍ୟୁତ୍ ମିଟର ଲଗାଇବା ପାଇଁ ପ୍ରକୃତରେ ଟଙ୍କା ଆଦାୟର କୌଣସି ସରକାରୀ ନିୟମ ରହିଛି କି ? ଯଦି ନାହିଁ, ତେବେ ଟଙ୍କା ଆଦାୟ କରିଥିବା ବ୍ୟକ୍ତି କିଏ ? ଏହାର ନିରପେକ୍ଷ ତଦନ୍ତ କରି ଆଦାୟ ହୋଇଥିବା ଟଙ୍କା ଫେରସ୍ତ ସହ ଦୋଷୀଙ୍କ ବିରୋଧରେ ଉଚିତ୍ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।ଏବେ ଦେଖିବାକୁ ବାକି ରହିଲା, ବିଦ୍ୟୁତ୍ ବିଭାଗ ଏହି ଅଭିଯୋଗକୁ କେତେ ଗୁରୁତ୍ୱ ଦେଉଛି ଏବଂ ଗରିବ ଆଦିବାସୀ ପରିବାରଙ୍କୁ କେବେ ନ୍ୟାୟ ମିଳୁଛି।

କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ



ପାରାଦୀପ, (ମହାଭାରତ): ନଭେମ୍ବର ୧୬ ତାରିଖ ଜାତୀୟ ପ୍ରେସ ଦିବସ ପରିପ୍ରେକ୍ଷୀରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଙ୍କ ପକ୍ଷରୁ ଜାତୀୟ ପ୍ରେସ ଦିବସ ସୋମବାର ଦିନ ପାଳିତ ହୋଇଯାଇଛି ଫ ଏହି ଅବସରରେ ପୌର ପ୍ରଶାସନିକ ଭବନ ର ସମ୍ମିଳନୀ କକ୍ଷରେ କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ପ୍ରତି ସାମ୍ବାଦିକଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ରାମ ଚନ୍ଦ୍ର ସ୍ୱାଇଁ ଓ ଭାଗିରଥି ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ପରିସ୍ଥିତିରେ ସମ୍ବାଦ ଓ ସାମ୍ବାଦିକତା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ସାମ୍ବାଦିକ ରତ୍ନାକର ଜେନା ଓ ସୁଧାଂଶୁ ନାୟକ ନିଜ ବକ୍ତବ୍ୟରେ ବିଭିନ୍ନ କ୍ଷେତ୍ରରେ ସାମ୍ବାଦିକ ମାନଙ୍କୁ ଅଣଦେଖା କରିବା ଓ ଯଥାଚିତ ସମ୍ମାନ ମିଳୁନଥିବା କୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ଶେଷରେ ସାମ୍ବାଦିକ ଆଲୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ପ୍ରାୟ ୫୦ ଜଣ କାର୍ଯ୍ୟରତ ସାମ୍ବାଦିକ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ପାରାଦୀପ ଅବକାରୀ ରେଂଜର ଚଢାଉ- ୧.୩୦୦କେଜି ଗଂଜେଇ ସହିତ ଅଭିଯୁକ୍ତ ଗିରଫ

ପାରାଦୀପ, (ମହାଭାରତ): ପାରାଦୀପ ରେଂଜ ଅଫିସର ଇନ୍‌ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅବକାରୀ ବିଭାଗର କର୍ମଚରୀମାନେ ଚଢାଉ କରି ଜନୈକ ଗଂଜେଇ ବିକ୍ରେତାଙ୍କୁ ଗିରଫ କରିବା ସହିତ ୧.୩୦୦କେଜି ଓଜନର ଗଂଜେଇ ଜବତ କରାଯାଇଥିବା ନେଇ ଜଣାପଡିଛି । ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କୁଜଙ୍ଗ ଥାନା ଗୋପିଆକୁଦ ନିକଟସ୍ଥ ରଘୁନାଥପୁର ଗ୍ରାମର ରାଧୁ ସ୍ୱାଇଁଙ୍କ ପୁଅ ଗୋଲେଖ ବିହାରୀ ସ୍ୱାଇଁ (୪୩) ଗଂଜେଇ ବିକ୍ରି କରୁଥିବା ନେଇ ଖବର ମିଳିଥିଲା । ଖବର ପାଇବା ପରେ ଅବକାରୀ ବିଭାଗର ପାରାଦୀପ ରେଂଜ ଅଫିସର ଇନ୍‌ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅବକାରୀ ବିଭାଗର କର୍ମଚରୀମାନେ ମିଳିତ ଭାବେ



ଚଢାଉ କରିଥିଲେ । ଅଭିଯୁକ୍ତ ଗୋଲେଖଙ୍କୁ ଗିରଫ କରିବା ସହିତ ଅଭିଯୁକ୍ତ ନିକଟରୁ ୧.୩୦୦କେଜି ଓଜନର ଗଂଜେଇ ଜବତ କରାଯାଇଛି । ଏ ସମ୍ପର୍କର ୬୧/୨୬-୨୭ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ସମ୍ବଲପୁରକୁ ୧-୦ ଗୋଲରେ ହରାଇ ସୁନ୍ଦରଗଡ଼ ବିଜୟୀ

ଓଡ଼ଗାଁ, (ମହାଭାରତ): ଲତୁକେଶ ଆଥଲେଟିକ ଆସୋସିଏସନର ୬୫ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ନାରାୟଣ ହାଇସ୍କୁଲ୍ ଖେଳ ପଡ଼ିଆରେ ଚାଲିଥିବା ବେଳେ ସୋମବାର ୨ୟ ଦିବସ ଖେଳରେ ଡି.ଏ.ସୁନ୍ଦରଗଡ଼ ୧-୦ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲ, ସମ୍ବଲପୁରକୁ ହରାଇ ବିଜୟ ହାସଲ କରିଛି।ଖେଳର ପ୍ରଥମାର୍ଦ୍ଧରେ ଉଭୟ ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ କିନ୍ତୁ ଖେଳର ୨୯ତମ ମିନିଟରେ ସୁନ୍ଦରଗଡ ଦଳର ୮ନଂ ଖେଳାଳି ବିକାଶଙ୍କ ଏକ ଚମତ୍କାର ଗୋଲରେ ଦଳ ୧-୦ରେ ଆଗୁଆ ଥିଲା।ସେହିପରି ଖେଳର ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳର ଖେଳାଳି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେସୁଦ୍ଧା ସମ୍ବଲପୁର ଦଳ ଗୋଲ ପରିଶୋଧ କରି ପାରିନଥିଲା।ଫଳରେ ସୁନ୍ଦରଗଡ ଦଳ ୧-୦ରେ ବିଜୟ ଲାଭ କରିଥିଲା।ଆଜିର ଖେଳରେ ଅନୁଷ୍ଠାନର ସଭାପତି ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ଅତିଥି ଭାବେ ଢେଙ୍କାନାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣୀ ପ୍ରଧାନ,ନୟାଗଡ଼ ଡ୍ରଗ ଇନିସ୍ପେକ୍ଟର ସନ୍ତୋଷ କୁମାର ପ୍ରଧାନ ଏବଂ ନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ସାହୁ ଯୋଗଦେଇ କର୍ମକର୍ତ୍ତା,ରେଫେରୀ ଓ ଖେଳାଳିମାନଙ୍କ ସହ କରମର୍ଦ୍ଦନକରି ଉତ୍ସାହିତ କରିଥିଲେ।ପରିଶେଷରେ ମୁଖ୍ୟଅତିଥି ଆଜିର ସର୍ବଶ୍ରେଷ୍ଠ ଖେଳାଳି ଭାବେ ସୁନ୍ଦରଗଡ ଦଳର ୮ନଂ ଖେଳାଳି ବିକାଶ ସାହୁଙ୍କୁ ୧ ହଜାର ଟଙ୍କା ସହ ଟ୍ରଫିପ୍ରଦାନ କରିଥିଲେ।ଖେଳକୁ ମୁଖ୍ୟ ରେଫେରି ଭାବେ ଏମ.ଡିସାକଲିନ,ଲାଇନରେ ପ୍ରସନ୍ନ କୁମାର ନାୟକ ଓ ଅବଦୁଲ ମାର୍ଟିନ ଏବଂ ୪ର୍ଥ ରେଫେରୀ ଭାବେ ଜଗନ୍ନାଥ ପରିଡା ପରିଚାଳନା କରିଥିଲେ।ମଙ୍ଗଳବାର ଗ୍ରୁପ ବି'ର ଖେଳ ସିକେପି ରେଲୱେ,ଝାଡଖଣ୍ଡ ବନାମ ୟୁନାଇଟେଡ଼ କ୍ଲବ,ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବବୋଲି ଆସୋସିଏସନ୍ ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ସୂଚନା ଦେଇଛନ୍ତି।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ



ଗଜପତି,(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଅଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭଗତ ସାମଲ କଲ୍ୟାଣରାଓ ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ର



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ଓଡ଼ଗାଁ ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ ଦିବସ ପାଳିତ

ଓଡ଼ଗାଁ,(ମହାଭାରତ):ଓଡ଼ାଗାଁ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ସୋମବାର ସାମ୍ବାଦିକ ଭବନଠାରେ ଜାତୀୟ ପ୍ରେସଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ରାମକୃଷ୍ଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସ୍ଥିତ ସାମ୍ବାଦିକ ମାନେ ସେମାନଙ୍କ କାର୍ଯ୍ୟରେ ନୈତିକତା ଏବଂ ନିରପେକ୍ଷତା ବଜାୟ ରଖିବାହିଁ ସାମ୍ବାଦିକତାର ପ୍ରକୃତ ଭାବନାକୁ ପରିଭାଷିତ କରେ ।ଏବଂ ଉତ୍ତମ ସାମ୍ବାଦିକତା କିପରି ସମାଜର ଉନ୍ନତି ସାଧନ କରିପାରେ ଏବଂ ନୂତନ ପିଢ଼ିର ସାମ୍ବାଦିକ ମାନଙ୍କୁ ପ୍ରେରଣା ଯୋଗାଇପାରେ ସେସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।ସାମ୍ବାଦିକ ଏକତାକୁ ସୁଦୃଢ଼ କରିବା ସହିତ ସମାଜରେ ଅବହେଳିତ ହୋଇ ରହିଥିବା ଲୋକଙ୍କ ସମସ୍ୟାକୁ ଖବର କାଗଜ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ଗଣେଶ୍ୱର ସାହୁ ପରିଚାଳନା କରିଥିବା ବେଳେ ସାମ୍ବାଦିକ ସୁନିଲ ପଟ୍ଟନାୟକ,ଗଗନ ବିହାରୀ ମିଶ୍ର,ଶିବ ନାରାୟଣ ଆଚାର୍ଯ୍ୟ,ରମେଶ ଚନ୍ଦ୍ର ପାତ୍ର,ପ୍ରଦୀପ କୁମାର ଭଟ୍ଟ ପ୍ରମୁଖ ସହଯୋଗ କରିଥିବା ଜଣାପଡ଼ିଛି ।

କୋଚିଂ ସେଣ୍ଟରରେ ନେହରୁଙ୍କ ଗୁଣଗାନ

ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଉତ୍କଳମଣି କୋଚିଂ ସେଣ୍ଟରରେ ୩୪ତମ ଶିଶୁଦିବସ ମହା ସମାରୋହରେ ପାଳିତ ହୋଇଯାଇଛି ।କୋଚିଂସେଣ୍ଟର ପ୍ରତିଷ୍ଠାତା ସୂର୍ଯ୍ୟମଣି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦେଇ ଯୋଗଜନ୍ମା ମହାପୁରୁଷ, ଭାରତରତ୍ନ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜଣାଇ ଜାତୀୟ ସଙ୍ଗୀତଗାନ କରିଥିଲେ ।ବିଶ୍ୱବନ୍ଧୁ ନେହେରୁଙ୍କ ଗୁଣଗାନକରି ତାଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦିଆ ଯାଇଥିଲା ।ନନ୍ଦିଘୋର ସରପଞ୍ଚ ଶ୍ୱେତାଲିନ ମିଶ୍ର,ନୟାଗଡର ଯୁବଶିଳ୍ପପତି ତାପସ ରଞ୍ଜନ ପାଢ଼ୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହେଶ୍ୱର ପରିଡା ଓ ମହେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ନେହେରୁଙ୍କ ଜୀବନ ଚରିତ ବିଷୟରେ ଶିଶୁମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ ।ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୭୨ ଜଣ ଶିଶୁଙ୍କୁ ପୁରସ୍କୃତ କରା ଯାଇଥିଲା ।ଏବଂ ୩ ଜଣ ଛାତ୍ରଙ୍କୁ ମେଧାବୀ ପୁରସ୍କାର ପ୍ରଦାନ କରାଯାଇଥିଲା ।କବି ତଥା ଲେଖକ ଗଜେନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସମାଜସେବୀ ପ୍ରଶାନ୍ତ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।ସୁରେନ୍ଦ୍ର ବେହେରା,ଆଲୋକ ସାହୁ,ଜୟକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିବା ଜଣାପଡ଼ିଛି ।

ଓଡ଼ଗାଁ ଏନଏସିରେ ୧୬୦ଙ୍କୁ ନୂତନ ଭତ୍ତା ୮ ଜଣଙ୍କୁ ଆବାସ ବାଣ୍ଟିଲେ ଜିଲ୍ଲାପାଳ



ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ଏନ୍‌ଏସି କାର୍ଯ୍ୟାଳୟ ଠାରେ ସୋମବାର ଏନଏସିର ୧୬୦ଜଣଙ୍କୁ ନୂତନ ଭତ୍ତା ଓ ୮ ଜଣଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ।ଏନଏସି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ନୟାଗଡ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ୍ ରାଉତ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଯୋଗଦେଇ ଭତ୍ତା ଓ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।୬୦ ଛୁଇଁବା ମାତ୍ରେ ଭତ୍ତା ଯୋଜନାରେ ସାମିଲ ହେବେ ଓ ଭତ୍ତାର ସୁବିଧା ପାଇବେ ଏବଂ ଭିନ୍ନକ୍ଷମ, ବିକଳାଙ୍ଗ ଏବଂ ଅବିବାହିତ ମହିଳାଙ୍କୁ ମଧ୍ୟ ଭତ୍ତା ଯୋଜନାରେ ସାମିଲ କରାଯାଇଛି ।ପ୍ରତିମାସରେ ଭତ୍ତା ଟଙ୍କାରେ ନିଜର ଔଷଧ ଓ ଘରଖର୍ଚ୍ଚ କରି ଅନ୍ୟ ଉପରେ ବୋଝ ହେବାରୁ କିଛି ମାତ୍ରାରେ ମୁକ୍ତିପାଇବା ଉପରେ ସରକାର ଗୁରୁତର ସହ ନିଷ୍ପତ୍ତି ନେଇଛନ୍ତି ବୋଲି ଅତିଥି ମାନେ କହିଥିଲେ ।ଏବଂ ୬୦ବର୍ଷର ବୃଦ୍ଧବୃଦ୍ଧା କିମ୍ବା ଭିନ୍ନକ୍ଷମ ଭତ୍ତାପାଇଁ ଆବଦେନ କରିବେ ।ଯେଭଳି କେହି ଭତ୍ତା ଯୋଜନାରୁ ବଞ୍ଚିତ ନହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ ଏନଏସିର ସମସ୍ତ କର୍ମ ଚାରୀ ସହଯୋଗ କରିଥିବା ଜଣାପଡ଼ିଛି ।

ରାଜ୍ୟ ପର୍ଯ୍ୟବେକ୍ଷକଙ୍କ ସର୍ଭେ କାର୍ଯ୍ୟ ସମୀକ୍ଷା

ଗଜପତି(ମହାଭାରତ): ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନେଇ ଗୋଷାଣୀ ବ୍ଲକରେ ଚାଲିଥିବା ଡୋର ଟୁ ଡୋର (ଘରକୁ ଘର) ସର୍ଭେ କାର୍ଯ୍ୟର ସମୀକ୍ଷା କରିଛନ୍ତି ଗଜପତି ଜିଲ୍ଲା ପାଇଁ ନିଯୁକ୍ତ ରାଜ୍ୟ ପର୍ଯ୍ୟବେକ୍ଷକ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଶ୍ରୀକାନ୍ତ କୁମାର ବେହୁରା ସେ ଗୋଷାଣୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏ ନେଇ ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଘର ଘର ବୁଲି ସର୍ଭେ କରାଯାଉଛି ବ୍ଲକ କାର୍ଯ୍ୟାଳୟରେ ସର୍ଭେ କାର୍ଯ୍ୟର ସମୀକ୍ଷା କରିବା ପରେ ପର୍ଯ୍ୟବେକ୍ଷକ ଶ୍ରୀ ବେହୁରା କ୍ଷେତ୍ର ପରିଦର୍ଶନ କରି ଚାଲିଥିବା ସର୍ଭେକୁ ତଦାରଖ କରିବା ସହ ସମସ୍ତ ଡକ୍ୟୁମେଣ୍ଟ ଯାଞ୍ଚ କରିଥିଲେ । ତାଙ୍କର ଏହି ଗସ୍ତ ସମୟରେ ବିଡିଓ ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଜିପିଡିଓ ,ଏ.ଡି. ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାପାଳଙ୍କ ଉପସ୍ଥିତିରେ ୧୨୪ଟି ଅଭିଯୋଗର ଶୁଣାଣୀ



ପରଜଙ୍ଗ - (ମହାଭାରତ)ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ପରିସରରେ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଠାରେ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ଉପସ୍ଥିତିରେ ଜିଲ୍ଲାର ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ଜନପ୍ରତିନିଧିମାନେ ଯୋଗଦେଇ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଶୁଣାଣି କରିଥିଲେ ।ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ, ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ଚିକିତ୍ସା ଅଧିକାରିଣୀ ଡାକ୍ତର ପ୍ରମିଳା ବରାଳ, ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ସେହିପରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଜନୀକାନ୍ତ ସାମଲ, ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା, ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆଲୋକ ଶାସ୍ତ୍ରଲ, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, କୃଷି ଅଧିକାରିଣୀ ରୀତାରାଣୀ ସେଠ୍, ଖାଦ୍ୟ ଯୋଗାଣ ଅଧିକାରୀ ଉଦିତ୍ ସେଠୀ ଏବଂ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଶିବିରରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ ।ଶିବିରରେ ବିଭାଗରେ ୨୪ଟି, ବିଭାଗରେ ୧୯ଟି ଏବଂ ବିଭାଗରେ ୪ଟି ଅଭିଯୋଗ ମିଶାଇ ମୋଟ ୪୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୪୫ଟି ଅଭିଯୋଗର ସମାଧାନ ହୋଇଥିବାବେଳେ ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ ପ୍ରକ୍ରିୟା ଜାରି ରହିଛି । ଅନ୍ୟପକ୍ଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୭୭ଟି ଅଭିଯୋଗ ବିଚାରାଧୀନ ଥିବା ସୂଚନା ମିଳିଛି । ଏହିପରି ମୋଟ ୧୨୪ଟି ଅଭିଯୋଗର ବିବରଣୀ ରହିଛି ।ଏହି ଅବସରରେ ରେଡ୍ ?କ୍ରସ୍ ? ପାଣ୍ଠିରୁ ୩ ଜଣଙ୍କୁ ୩୫ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା, ଏହିପରି ମୋଟ ୪୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ତ୍ୱରିତ ସମାଧାନ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସହାୟତା ପହଞ୍ଚାଇବା ଏହି ଜନଶୁଣାଣି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

୧୧ କେଭି ବିଦ୍ୟୁତ ଆଘାତରେ ବ୍ୟକ୍ତିଙ୍କ ମୃତ୍ୟୁ

ଅଷ୍ଟରଙ୍ଗ(ମହାଭାରତ): ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ପାଟସୁନ୍ଦରପୁର ଗ୍ରାମର ଜଣେ ବ୍ୟକ୍ତି ଯାହାଙ୍କ ନାମ ସୂଜା ବେହେରା(୪୫)ସୋମବାର ଅପରାହ୍ନ ସମୟରେ ନିଜର ଗୁଆ ବଗିଚାରେ କାର୍ଯ୍ୟ କରୁଥିବା ସମୟରେ ୧୧ କେଭି ବିଦ୍ୟୁତ ସଂସ୍ପର୍ଶ ରେ ଆସି ମୃତ୍ୟୁବରଣ କରିଛନ୍ତି,ଏ ସଂକ୍ରାନ୍ତରେ ଗ୍ରାମବାସି ଙ୍କ ସୂଚନା ପାଇବାପରେ ଅଷ୍ଟରଙ୍ଗ ଉକୁଳେଇ ସ୍ଥିତ ବିଦ୍ୟୁତ ବିଭାଗ ଅଧିକାରୀ ଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେଇଥିଲୁ ମାତ୍ର ଗ୍ରାମବାସୀ ଙ୍କ କହିବା ମୁତାବକ ଅନେକ ଦିନରୁ ଉକ୍ତ ଅଞ୍ଚଳରେ ୧୧ କେଭି ତାର ଯମ ଫାଶ ପରି ରହିଥିଲା, ବାରମ୍ବାର ବିଦ୍ୟୁତ ବିଭାଗ ଅଧିକାରୀ ଙ୍କୁ କହିବା ସତ୍ତ୍ୱେ ବି କୌଣସି ପ୍ରକାର ପଦକ୍ଷେପ ନେଇନଥିଲେ ଯେଉଁ କାରଣରୁ ଆଜି ଏପରି ଅଭାବନୀୟ ଘଟଣା ଘଟିଛି,ବର୍ତ୍ତମାନ ସୂଜା ବେହେରା ଙ୍କ ମୃତ୍ୟୁ କୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଥିବା ବେଳେ ଗ୍ରାମ ବାସୀ ଙ୍କ ଦ୍ୱାରା ବିଦ୍ୟୁତ ବିଭାଗ ତରଫରୁ ସୂଜାଙ୍କ ପରିବାରକୁ କ୍ଷତି ପୂରଣ ଦେବାକୁ ଦାବି କରୁଛନ୍ତି ।

ମିଡିଆ କ୍ଲବ କାଶୀନଗର ତରଫରୁ ଜାତୀୟ ପ୍ରେସ ଦିବସ ପାଳିତ



କାଶୀନଗର(ମହାଭାରତ): କାଶୀନଗର ମିଡ଼ିଆ କ୍ଲବ ତରଫରୁ କାଶୀନଗର ପଞ୍ଚାୟତ ସମିତି ବୈଠକ ଗୃହ ମଧ୍ୟରେ ଉତ୍ସହର ସହ ଜାତୀୟ ସାମ୍ବାଦିକତା ଦିବସ ୨୦୨୬ ଅନୁଷ୍ଠିତ ହୋଇଛି । ଏହି ଅବସରରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଦିବ୍ୟରଞ୍ଜନ, କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ, ଏବିଡ଼ିଓ ମାନସ ରଞ୍ଜନ ପ୍ରଧାନ, ଡ଼ଃ ସ୍ୱାଗତିକା ସାହୁ ଓ ମୁଖ୍ୟ ବକ୍ତା ଭାବେ ସମାଜସେବୀ ହୃଷିକେଶ ଗୌଡ଼ ମଂଚାସୀନ ହୋଇଥିଲେ. ସମ୍ମାନିତ ଅତିଥି ଭାବେ ମେଡ଼ିଆ କ୍ଲବ ସଭାପତି ଆନନ୍ଦ ପାତ୍ର ସଭାପତିତ୍ୱ କରିଥିବା ବେଳେ ସାମ୍ବାଦିକ ଅଜିତ କୁମାର ପଟ୍ଟନାୟକ ଓଜିଲ୍ଲା ସାମ୍ବାଦିକ ଶେଖର ରାଓ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିବା ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିବା ପାରେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରାଯାଇ ଥିଲା । ବକ୍ତା ମାନେ ପ୍ରେସ ଦିବସର ଗୁରୁତ୍ୱ ବିଷୟରେ ଆଲୋଚନା କରି ଗଣତନ୍ତ୍ର ସୁଦୃଢ କରିବାରେ ସ୍ୱାଧୀନ ଓ ନିରପେକ୍ଷ ସାମ୍ବାଦିତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ତଥା ଆଜିର ବିଷୟ ‘ଲୋକ ପ୍ରିୟତା ବନାମ ଦାୟିତ୍ୱ ବୋଧ’ ଉପରେ ଆଲୋଚନା ହୋଇଥିଲା । ସଠିକ ଓ ନିରପେକ୍ଷ ଖବର ପ୍ରସାରଣ ସହ ସମାଜର ମୂଲ୍ୟବୋଧ, ନୟିତିକତା,ସ୍ୱଚ୍ଛତା ଓ ସତ୍ୟତାକୁ ଗୁରୁତ୍ୱ ଦେବା ପାଇଁ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ସଭାପତି ଆନନ୍ଦ ପାତ୍ର ଧନ୍ୟବାଦ ଦେଇଥିଲେ ।

ଜାତୀୟ ପ୍ରେସ ଦିବସରେ ନନ୍ଦପୁରରେ ସାମ୍ବାଦିକଙ୍କୁ ସମ୍ମାନ

‘ଲକ୍ଷ୍ମୀପୁରର ସାମ୍ବାଦିକ ପ୍ରଶାନ୍ତ ଖୋସଲା ଓ ବରିଷ୍ଠ ସାମ୍ବାଦିକ ପରମେଶ୍ୱର ସାହୁ ସମ୍ମାନିତ’

ଲକ୍ଷ୍ମୀପୁର ,(ମହାଭାରତ): ସତ୍ୟ ଓ ନିରପେକ୍ଷ ସାମ୍ବାଦିକତାର ମହତ୍ତ୍ୱକୁ ଉଜ୍ଜୀବିତ କରି ନନ୍ଦପୁର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଛି । ଏହି ଅବସରରେ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା ସାମ୍ବାଦିକଙ୍କ ମଧ୍ୟରୁ ଲକ୍ଷ୍ମୀପୁର ଅଞ୍ଚଳର ସାମ୍ବାଦିକ ପ୍ରଶାନ୍ତ ଖୋସ୍ଲା ଓ ବରିଷ୍ଠ ସାମ୍ବାଦିକ ପରମେଶ୍ୱର ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି । ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମାରୋହରେ ସୁନାବେଡ଼। ପୌରପାଳିକା ଅଧକ୍ଷ ଡ଼କ୍ଟର ରାଜେନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ସାମ୍ବାଦିକତାର ମହତ୍ତ୍ୱ, ଗଣମାଧ୍ୟମର ସ୍ୱାଧୀନତା ଓ ସମାଜ ପ୍ରତି ସାମ୍ବାଦିକଙ୍କ ଦାୟିତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ସାମ୍ବାଦିକତା କେବଳ ଖବର ପରିବେଷଣର ମାଧ୍ୟମ ନୁହେଁ, ବରଂ ଜନସାଧାରଣଙ୍କ ସମସ୍ୟା ଓ ଅଧିକାରକୁ ସରକାର ଏବଂ ପ୍ରଶାସନର ଦୃଷ୍ଟିଗୋଚର କରିବାର ଏକ ଶକ୍ତିଶାଳୀ ମଞ୍ଚ । ସତ୍ୟନିଷ୍ଠା, ନିରପେକ୍ଷତା ଓ ନିଷ୍ପାପରତା ହେଉଛି ସାମ୍ବାଦିକତାର ମୂଳ ଆଧାର ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ସମ୍ମାନ କାର୍ଯ୍ୟକ୍ରମର ପରିସମାପ୍ତି ଘଟିଥିଲା । ସାମ୍ବାଦିକଙ୍କ କାର୍ଯ୍ୟପ୍ରତି ଉତ୍ସାହ ବୃଦ୍ଧି କରିବା ସହ ଜନସାଧାରଣଙ୍କ ସ୍ୱରକୁ ଆହୁରି ଦୃଢ଼ତାର ସହ ଉପସ୍ଥାପନ କରିବାର ପ୍ରେରଣା ଯୋଗାଇବ । କୋରାପୁଟ ଜିଲ୍ଲାର ସାମ୍ବାଦିକଙ୍କ ଏକତା ଓ ସାମାଜିକ ଦାୟିତ୍ୱବୋଧର ଏହି ଉତ୍ସବ ଏକ ସ୍ମରଣୀୟ ଅନୁଭୂତି ହୋଇ ରହିଥିଲା । ଶେଷରେ ଉତ୍ସବମୁଖର ପରିବେଶରେ ଜାତୀୟ ପ୍ରେସ ଦିବସ

ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଶପଲ୍ଲାରେ ବିଜେଡିର ଶକ୍ତି ପ୍ରଦର୍ଶନ



ଦଶପଲ୍ଲା,(ମହାଭାରତ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଏବଂ ବିରୋଧୀ ଶୂନ କରିବା ଲକ୍ଷ୍ୟରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ଶକ୍ତି ପ୍ରଦର୍ଶନ କରାଯାଇଛି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ଦଳୀୟ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ । ସମାବେଶକୁ ସମ୍ବୋଧିତ କରି ବିଧାୟକ ଶ୍ରୀ ବେହେରା ରାଜ୍ୟର ବର୍ତ୍ତମାନର ‘ଡବଲ ଇଞ୍ଜିନ’ ସରକାରଙ୍କ କାର୍ଯ୍ୟଶୈଳୀକୁ ତୀବ୍ର ସମାଲୋଚନା କରିଛନ୍ତି । ବିଧାୟକଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ନବୀନ ସରକାର ରାଜ୍ୟବାସୀଙ୍କୁ ସୁଶାସନ ପ୍ରଦାନ କରୁଥିବା ବେଳେ ବର୍ତ୍ତମାନର ସରକାର କେବଳ ମିଛ ଆଶ୍ୱାସନା ଓ ‘ସୋ-ବାଜି’ରେ ବ୍ୟସ୍ତ ରହିଛନ୍ତି । ଶ୍ରୀ ବେହେରା ଆହୁରି ଦାବି କରିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ପିଲାଙ୍କ ପାଠପଢ଼ା ପାଇଁ ପାଠ୍ୟପୁସ୍ତକର ଅଭାବ, ଚାଷୀ ଓ ମହିଳାଙ୍କ ବିଭିନ୍ନ ସମସ୍ୟା ସହ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି । ସରକାରଙ୍କ ନିକଟରେ ଅର୍ଥ ଅଭାବ ଯୋଗୁଁ ହିତାଧିକାରୀଙ୍କୁ ଚାରି ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ମିଳିପାରୁ ନଥିବା ଏବଂ ଲକ୍ଷ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ନିଯୁକ୍ତି ଦିଆଯାଉ ନଥିବା ସେ ଅଭିଯୋଗ କରିଛନ୍ତି । ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଦେଖାଦେଇଥିବା ଏଭଳି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଲଢ଼େଇକୁ ଆହୁରି ଜୋରଦାର କରାଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନ୍ ଏ ସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଭ୍ୟଙ୍କ ସ



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ଆତଙ୍କବାଦ ନିୟନ୍ତ୍ରଣ ପାଇଁ ଆଫଗାନିସ୍ତାନକୁ ପାକିସ୍ତାନର ଆହ୍ୱାନ



ଇସ୍‌ଲାମାବାଦ: ଆଞ୍ଚଳିକ ଅର୍ଥନୈତିକ ସହଯୋଗ ଓ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇଁ ଆଫଗାନିସ୍ତାନକୁ ଆତଙ୍କବାଦର ନିୟନ୍ତ୍ରଣ କରିବାକୁ କହିଛି ପାକିସ୍ତାନ। ସୋମବାର ଇସ୍‌ଲାମାବାଦରେ ଅନୁଷ୍ଠିତ ଅର୍ଥନୈତିକ ସହଯୋଗ ସଂଗଠନ (ଇସିଓ)ର ୩୦ତମ ମନ୍ତ୍ରିସ୍ତରୀୟ ପରିଷଦ ବୈଠକରେ ପାକିସ୍ତାନର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସ୍‌ହାକ୍ ଡାର୍ ଏହି ଆହ୍ୱାନ ଦେଇଛନ୍ତି। ଆଞ୍ଚଳିକ ସହଯୋଗରେ ଅଗ୍ରଗତି ପାଇଁ ପଡ଼ୋଶୀ ଦେଶଗୁଡ଼ିକର ସୁରକ୍ଷା ସମ୍ପର୍କିତ ଚିନ୍ତାକୁ ଆଫଗାନ୍ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।


ଡାର୍ କହିଛନ୍ତି, ପାକିସ୍ତାନ ଏକ ଶାନ୍ତିପୂର୍ଣ୍ଣ, ସମୃଦ୍ଧ ଓ ସ୍ଥିର ଆଫଗାନିସ୍ତାନ ଚାହେଁ। ଆଫଗାନିସ୍ତାନ ଇସିଓର ଆଞ୍ଚଳିକ ସହଯୋଗ ବ୍ୟବସ୍ଥାରେ ସକ୍ରିୟ ଭାବେ ସାମିଲ ହେବା ସହ ପଡ଼ୋଶୀ ଦେଶଗୁଡ଼ିକ ସହ ଶାନ୍ତିପୂର୍ଣ୍ଣ ସମ୍ପର୍କ ରଖିଲେ ଏହାର ଲାଭ କେବଳ ସେହି ଦେଶକୁ ନୁହେଁ, ସମଗ୍ର ଅଞ୍ଚଳକୁ ମିଳିବ। ଏହାଦ୍ୱାରା ବାଣିଜ୍ୟ, ପରିବହନ ଓ ଅର୍ଥନୈତିକ ସହଯୋଗର ନୂଆ ସୁଯୋଗ ସୃଷ୍ଟି ହୋଇପାରିବ। କିନ୍ତୁ ଏଥିପାଇଁ ପଡ଼ୋଶୀ ଦେଶଗୁଡ଼ିକର ବୈଧ ସୁରକ୍ଷା ଚିନ୍ତା, ବିଶେଷକରି ଆତଙ୍କବାଦର ବିପଦକୁ ଆଫଗାନ୍ କର୍ତ୍ତୃପକ୍ଷ ଦୂର କରିବା ଦରକାର।

ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଦୀର୍ଘଦିନ ଧରି ସୀମା ସୁରକ୍ଷା ଓ ଆତଙ୍କବାଦକୁ ନେଇ ଉତ୍ତେଜନା ଲାଗିରହିଛି। ପାକିସ୍ତାନର ଅଭିଯୋଗ ହେଉଛି, ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ଭଳି ଆତଙ୍କବାଦୀ ସଂଗଠନ ଆଫଗାନିସ୍ତାନ ମାଟିରୁ କାର୍ଯ୍ୟ କରି ପାକିସ୍ତାନ ଭିତରେ ଆକ୍ରମଣ କରୁଛନ୍ତି। ତେବେ ଆଫଗାନ୍ ତାଲିବାନ୍ ସରକାର ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସିଛନ୍ତି। ଏହି ବିବାଦ ଯୋଗୁଁ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଓ ପରସ୍ପର ବିରୋଧରେ ଅଭିଯୋଗ ଜାରି ରହିଛି।

ବୈଠକରେ ଡାର୍ ଆଞ୍ଚଳିକ ସହଯୋଗ ପାଇଁ ପାଞ୍ଚଟି ପ୍ରାଥମିକତା ଉପରେ ଗୁରୁତ୍ୱ ଦେଇଥିଲେ। ସେଗୁଡ଼ିକ ହେଲା ବାଣିଜ୍ୟ ଓ ପୁଞ୍ଜିନିବେଶ ବୃଦ୍ଧି, ପରିବହନ ଓ ଯୋଗାଯୋଗ ବ୍ୟବସ୍ଥାର ବିକାଶ, ଇସିଓ ବାଣିଜ୍ୟ ଚୁକ୍ତିକୁ ଆଗେଇ ନେବା, ଜଳବାୟୁ ଓ ବିପର୍ଯ୍ୟୟ ମୁକାବିଲାରେ ସହଯୋଗ ଏବଂ ମାନବ ସମ୍ବଳର ବିକାଶ। ମଧ୍ୟ ଏସିଆ ଓ ଦକ୍ଷିଣ ଏସିଆ ମଧ୍ୟରେ ପରିବହନ ସଂଯୋଗ ବୃଦ୍ଧି କରି ଆରବ ସାଗର ଉପକୂଳରେ ଥିବା ପାକିସ୍ତାନର ବନ୍ଦରଗୁଡ଼ିକ ସହ ଅନ୍ୟ ଦେଶକୁ ଯୋଡ଼ିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଉଲ୍ଲେଖନୀୟ ଯେ, ପାକିସ୍ତାନ, ଆଫଗାନିସ୍ତାନ, ଇରାନ, ତୁର୍କୀ, ଆଜରବୈଜାନ୍, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ତୁର୍କମେନିସ୍ତାନ ଓ ଉଜବେକିସ୍ତାନକୁ ନେଇ ଇସିଓ ଗଠିତ। ୧୯୮୫ରେ ପାକିସ୍ତାନ, ଇରାନ ଓ ତୁର୍କୀ ଏହାର ପ୍ରତିଷ୍ଠା କରିଥିଲେ। ଚଳିତ ୨୦୨୬-୨୭ ବର୍ଷ ପାଇଁ ପାକିସ୍ତାନ ଏହି ସଂଗଠନର ଅଧ୍ୟକ୍ଷତା କରୁଛି। ତେବେ ଏହି ବୈଠକରେ ଆଫଗାନିସ୍ତାନର କୌଣସି ପ୍ରତିନିଧି ଯୋଗ ଦେଇନଥିବା ଜଣାପଡ଼ିଛି।

କୁଲଗାମ ଆକ୍ରମଣର ପ୍ରତିଶୋଧ ନେଲା ଭାରତୀୟ ସେନା, ମାଷ୍ଟରମାଇଣ୍ଡ ଆତଙ୍କୀ ନିହତ



ଜମ୍ମୁ କଶ୍ମୀର : ଜମ୍ମୁ କଶ୍ମୀର କୁଲଗାମରେ ଭାରତୀୟ ସେନାର ବଡ଼ କାର୍ଯ୍ୟାନୁଷ୍ଠାନ । କୁଲଗାମ ଆତଙ୍କୀ ଆକ୍ରମଣ ଘଟଣାରେ ସୁରକ୍ଷାବାହିନୀକୁ ବଡ଼ ସଫଳତା । ଏନକାଉଣ୍ଟରରେ କୁଲଗାମ ଆଟାକର ମାଷ୍ଟରମାଇଣ୍ଡ ଲତିଫ ଭଟ୍ଟ ନିହତ ହୋଇଥିବା ଖବର ମିଳିଛି । ଏହା ସହ ଆଉ ଜଣେ ଆତଙ୍କୀ ନିହତ ହୋଇଛି । ଏହି ଅପରେସନରେ ଭାରତୀୟ ସେନା, ସିଆରପିଏଫ୍ ଏବଂ ଜମ୍ମୁ-କଶ୍ମୀର ପୋଲିସ ସାମିଲ ହୋଇଥିଲେ ।

ଖବର ମୁତାବକ, ନଭେମ୍ବର ୧୧ରେ କୁଲଗାମରେ ନିକଟରେ ହୋଇଥିବା ଆତଙ୍କୀ ଆକ୍ରମଣରେ ତିନି ଜଣ ସିଆରପିଏଫ୍ ଯବାନ ଆହତ ହୋଇଥିଲେ । ଏହି ଘଟଣା ପରେ ସୁରକ୍ଷାବାହିନୀ ପକ୍ଷରୁ ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଜୋରଦାର କରାଯାଇଥିଲା । ଯାହାକୁ ଏବେ ଏନକାଉଣ୍ଟରରେ ନିହତ କରାଯାଇଛି । ଲତିଫ ଭଟ୍ଟ କୁଲଗାମ ଜିଲ୍ଲାର ଖେୱ୍ୱାନ ଚାଡରରେ ରହୁଥିଲା । ୨୦୨୫ ନଭେମ୍ବରରେ ସେ ଅଚାନକ ଗାଏବ ହୋଇଯାଇଥିଲା । ୧୯ ତାରିଖରେ ତାର ପରିବାର ପକ୍ଷରୁ ଥାନାରେ ନିଖୋଜ ଅଭିଯୋଗ କରାଯାଇଥିଲା । ଏହାପରେ ସେ ଆତଙ୍କୀ ସଙ୍ଗଠନ ଲଶ୍‌କର-ଏ-ତୋଇବାରେ ସାମିଲ ହୋଇଥିଲା । ଦକ୍ଷିଣ କାଶ୍ମୀରର ଭିନ୍ନ ଭିନ୍ନ ସ୍ଥାନରେ ଆତଙ୍କୀ ଗତିବିଧି ଚଳାଉଥିଲା । କୁଲଗାମ ଆକ୍ରମଣର ୨୪ ଘଣ୍ଟା ମଧ୍ୟରେ କିସ୍ତୱାଡ଼ ଜିଲ୍ଲାରେ ଆଉ ଏକ ଆତଙ୍କୀ ଘଟଣା ଘଟିଥିଲା । ଏଥିରେ ଦୁଇ ଜଣ ସ୍ପେଶାଲ ପୋଲିସ ଅଫିସର ବାବି ଚନ୍ଦ ଓ ଯଶପାଲ କୁମାରଙ୍କ ମୃତ୍ୟୁ ହୋଇଥିଲା । ଏକ ଆତଙ୍କବାଦ ବିରୋଧୀ ଅପରେସନରେ ସେନାକୁ ସହଯୋଗ କରିବାକୁ ଯାଉଥିବା ସମୟରେ ସେମାନଙ୍କ ଉପରେ ଆକ୍ରମଣ ହୋଇଥିବା କୁହାଯାଉଛି ।

ବଲିଉଡ୍ ସୁପରଷ୍ଟାରଙ୍କ ଉପରେ ଫାୟାରିଂ ଷଡ଼ଯନ୍ତ୍ର ଉଦ୍ୟମ ପଣ୍ଡ, ୨ ସୁଟର ଗିରଫ



ବଲିଉଡ୍ ଅଭିନେତାଙ୍କୁ ଟାର୍ଗେଟ କରିବା ପାଇଁ ହୋଇଥିବା ଏକ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି ଦିଲ୍ଲୀ ପୋଲିସ । ଏହି ମାମଲାରେ ଦୁଇ ଜଣ ସାର୍ପ ସୁଟରଙ୍କୁ ଗିରଫ କରିଛି । ଜଣେ ସୁପରଷ୍ଟାରଙ୍କ ଘର ବାହାରେ ଗୁଳିକାଣ୍ଡ ଘଟାଇବା ପାଇଁ ସେମାନେ ଯୋଜନା କରୁଥିବା ପୋଲିସ ସୂଚନା ମିଳିଥିଲା । ଏହାପରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଦିଲ୍ଲୀ ଓ ମୁମ୍ବାଇରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ।

ପୋଲିସ ମୁତାବକ, ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ବିକାଶ ଠାକୁର ଓରଫ ବିକି ଏବଂ ଦୀପକ ସିଂହ ଓରଫ ଦୀପ । ବିକାଶ ପଞ୍ଜାବର ଜଳନ୍ଧରର ବାସିନ୍ଦା ହୋଇଥିବା ବେଳେ ଦୀପକ ତରନତାରନ ଜିଲ୍ଲାର ବାସିନ୍ଦା । ଦୀପକ ସିଂହଙ୍କୁ ମୁମ୍ବାଇର ଥାଣେରୁ ଗିରଫ କରାଯାଇଛି । ଜଣେ ସୁପରଷ୍ଟାରଙ୍କ ଘର ବାହାରେ ଗୁଳିକାଣ୍ଡ ଘଟାଇବା ଦାୟିତ୍ୱ ତାଙ୍କୁ ଦିଆଯାଇଥିବା ଯାଞ୍ଚ ଏଜେନ୍ସୀ ସନ୍ଦେହ କରୁଛି । ଅନ୍ୟ ଅଭିଯୁକ୍ତ ବିକାଶ ଠାକୁର (୨୫)ଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଛି । ସେ ମୁମ୍ବାଇରୁ ଦିଲ୍ଲୀ ଆସିବା ପରେ ପୋଲିସ ତାଙ୍କୁ ଧରିଥିଲା । ଧରାପଡିବା ପରେ ସ୍ପେଶାଲ ସେଲ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ବିକାଶଙ୍କୁ ପଚରାଉଚରା ପରେ ମୁମ୍ବାଇରେ ରହୁଥିବା ଦୀପକଙ୍କ ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା ।

ପୋଲିସର ତଦନ୍ତ ଅନୁସାରେ, ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ସମ୍ପର୍କ ବିଦେଶରେ ରହୁଥିବା କିଛି ଗ୍ୟାଙ୍ଗଷ୍ଟରଙ୍କ ସହ ଥିଲା । ଏହି ଷଡ଼ଯନ୍ତ୍ରର ଖୁଲାସା ଏବଂ ନିକଟରେ ମିଳିଥିବା ତିନୋଟି ଧମକପୂର୍ଣ୍ଣ ଇ-ମେଲ୍ ପରେ ମୁମ୍ବାଇ ପୋଲିସ ସମ୍ପୃକ୍ତ ସୁପରଷ୍ଟାରଙ୍କ ଘର ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି । ନିକଟରେ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ଗାଡ଼ି ଉପରେ ଗୁଳିମାଡ଼ ଘଟଣା ପରେ ବଲିଉଡ୍ ଅଭିନେତାମାନଙ୍କ ସୁରକ୍ଷାକୁ ନେଇ ପୋଲିସ ଅଧିକ ସତର୍କ ହୋଇଛି ।

ବିଚାରପତିଙ୍କୁ ଇମ୍ରାନ୍‌ଙ୍କ ଚିଠି: ଜେଲ୍‌ରୁ ଜୀବିତ ଫେରିବା ନେଇ ଆଶଙ୍କା

ଇସଲାମାବାଦ: ଜେଲ୍‌ରେ ଖରାପ ସ୍ୱାସ୍ଥ୍ୟାବସ୍ଥା ଯୋଗୁଁ ନିଜର ମୃତ୍ୟୁ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ପାକିସ୍ତାନର ଜେଲ୍‌ରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍। ତାଙ୍କୁ ଓ ପତ୍ନୀ ବୁଶ୍‌ରା ବିବିଙ୍କୁ ଜେଲ୍ କର୍ତ୍ତୃପକ୍ଷ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଉନଥିବା ସେ ଅଭିଯୋଗ କରିଛନ୍ତି। ଇମ୍ରାନ୍‌ଙ୍କ କହିବା ଅନୁଯାୟୀ, ତାଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ୮୫ ପ୍ରତିଶତ ହ୍ରାସ ପାଇଛି। ଏଥିସହ ହୃଦ୍‌ଘାତ ଓ ମସ୍ତିଷ୍କାଘାତ ହେବାର ଆଶଙ୍କା ମଧ୍ୟ ତାଙ୍କୁ ଘାରିଛି। ବୁଶ୍‌ରାଙ୍କ ଦୃଷ୍ଟିଶକ୍ତି ମଧ୍ୟ ହ୍ରାସ ପାଉଥିବା ସେ ଦାବି କରିଛନ୍ତି। ଜେଲ୍‌ରୁ ଆଉ ଜୀବିତ ଫେରିବା ସମ୍ଭବ ହୋଇ ନ ପାରେ ବୋଲି ଇମ୍ରାନ୍ ଆଶଙ୍କା ପ୍ରକାଶ କରିଛନ୍ତି। ପାକିସ୍ତାନର ଶୀର୍ଷ ବିଚାରପତିମାନଙ୍କୁ ଲେଖିଥିବା ଏକ ଖୋଲା ଚିଠିରେ ସେ ଏହି ଚିନ୍ତା ବ୍ୟକ୍ତ କରିଛନ୍ତି। ପାକିସ୍ତାନର ସଂଘୀୟ ସାମ୍ବିଧାନିକ ଅଦାଲତ, ସୁପ୍ରିମ୍‌କୋର୍ଟ ଏବଂ ଇସଲାମାବାଦ ହାଇକୋର୍ଟର ପ୍ରଧାନ ବିଚାରପତିମାନଙ୍କୁ ଏହି ଚିଠି ଲେଖି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରିଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର ପ୍ରତିଷ୍ଠାତା ଇମ୍ରାନ୍ ଜେଲ୍‌ରେ ନିଜ ସହ ଏବଂ ପତ୍ନୀଙ୍କ ସହ ହେଉଥିବା ବ୍ୟବହାର ନେଇ ନ୍ୟାୟିକ ହସ୍ତକ୍ଷେପ ଲୋଡ଼ିଛନ୍ତି। ଉଲ୍ଲେଖଯୋଗ୍ୟ, ଇମ୍ରାନ୍ ଖାନ୍ ୨୦୨୩ ଅଗଷ୍ଟ ୫ ତାରିଖରୁ ଜେଲ୍‌ରେ ଅଛନ୍ତି। ଅନ୍ୟପକ୍ଷରେ, ବୁଶ୍‌ରା ବିବି ୨୦୨୫ ଜାନୁଆରି ୧୭ ତାରିଖରୁ ଗିରଫ ହେବା ପରେ ଜେଲ୍‌ରେ ଅଛନ୍ତି।



ଯୁଦ୍ଧ ଶେଷ ନ ହେବା ଯାଏଁ ପରମାଣୁ କେନ୍ଦ୍ରରେ ଜାତିସଂଘ ଯାଞ୍ଚକୁ ଇରାନର ନା

ତେହେରାନ: ମଧ୍ୟପ୍ରାଚ୍ୟରେ ଯୁଦ୍ଧର ସ୍ଥାୟୀ ଅବସାନ ନ ହେବା ଏବଂ ଆମେରିକା ନିଜ ସର୍ତ୍ତ ପୂରଣ ନ କରିବା ପର୍ଯ୍ୟନ୍ତ ଦେଶର କ୍ଷତିଗ୍ରସ୍ତ ପରମାଣୁ କେନ୍ଦ୍ରଗୁଡ଼ିକୁ ଜାତିସଂଘର ପରମାଣୁ ନିରୀକ୍ଷକଙ୍କୁ ଯାଞ୍ଚ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଇରାନ ସ୍ପଷ୍ଟ କରିଛି। ରବିବାର ରାତିରେ ଏକ ଟେଲିଭିଜନ୍ ସାକ୍ଷାତ୍‌କାରରେ ଇରାନର ଉପବୈଦେଶିକ ମନ୍ତ୍ରୀ କାଜେମ୍ ଘରିବାବାଦି ଏହି ସୂଚନା ଦେଇଛନ୍ତି। ତାଙ୍କର ଏହି ଘୋଷଣା ଫଳରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଅନ୍ତର୍ଜାତୀୟ ନିରୀକ୍ଷଣ ପୁନର୍ବାର ଆରମ୍ଭ କରିବା ଉଦ୍ୟମ ଜଟିଳ ହୋଇପଡ଼ିଛି।

ଘରିବାବାଦି କହିଛନ୍ତି, ଇରାନର ସର୍ତ୍ତ ପୂରଣ ହେବା ସହ ଯୁଦ୍ଧର ସ୍ଥାୟୀ ଅନ୍ତ ନ ହେବା ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)କୁ କ୍ଷତିଗ୍ରସ୍ତ କେନ୍ଦ୍ରଗୁଡ଼ିକରେ ପ୍ରବେଶ ଅନୁମତି ମିଳିବ ନାହିଁ। ଆମେରିକା ଇରାନ ଉପରେ ଲଗାଇଥିବା ଅର୍ଥନୈତିକ କଟକଣା ହଟାଇବା ଓ ଜବତ କରିଥିବା ଇରାନୀ ସମ୍ପତ୍ତିକୁ ମୁକ୍ତ କରିବା ଭଳି ସର୍ତ୍ତ ପୂରଣ କରୁ ବୋଲି ତେହେରାନ ଦାବି କରୁଛି। ଆଇଏଇଏର ଯାଞ୍ଚ ଦାବିକୁ ନେଇ ସନ୍ଦେହ ପ୍ରକାଶ କରି ସେ କହିଛନ୍ତି ଯେ ଏହା ଆମେରିକା ଆକ୍ରମଣର ପ୍ରଭାବ ଓ କ୍ଷମତା ଆକଳନ କରିବାର ଉଦ୍ଦେଶ୍ୟରେ ହୋଇଥାଇପାରେ।

ଗତବର୍ଷ ଇସ୍ରାଏଲ୍ ସହ ଇରାନର ୧୨ ଦିନିଆ ଯୁଦ୍ଧ ସମୟରେ ଆମେରିକା ମଧ୍ୟ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ଏହା ପରଠାରୁ କେତେକ କେନ୍ଦ୍ରରେ ଆଇଏଇଏର ଯାଞ୍ଚ ବନ୍ଦ ରହିଛି। ଚଳିତବର୍ଷ ଫେବ୍ରୁଆରି ୨୮ରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣରୁ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇରାନର ପରମାଣୁ ଭିତ୍ତିଭୂମି ପୁଣି କ୍ଷତିଗ୍ରସ୍ତ ହୋଇଥିଲା। ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ହୋଇଥିଲା। ଇରାନର ନତାଞ୍ଜ, ଫୋର୍ଡୋ ଓ ଇସ୍‌ଫାହାନ୍ ପରମାଣୁ କେନ୍ଦ୍ରଗୁଡ଼ିକ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବାରୁ ସେଠାରେ ଆଇଏଇଏର ନିରୀକ୍ଷକମାନେ ପ୍ରବେଶ କରିପାରି ନାହାନ୍ତି। ତେବେ ସେପ୍ଟେମ୍ବରରେ ବୁସେହର ପରମାଣୁ ବିଦ୍ୟୁତ୍ କେନ୍ଦ୍ରକୁ ଆଇଏଇଏ ନିରୀକ୍ଷକମାନେ ଯାଞ୍ଚ କରିଥିଲେ। କିନ୍ତୁ ଆକ୍ରମଣରେ କ୍ଷତିଗ୍ରସ୍ତ ଅନ୍ୟ କେନ୍ଦ୍ରଗୁଡ଼ିକରେ ସେମାନଙ୍କୁ ଅନୁମତି ମିଳିନାହିଁ। ଏହି ପରିସ୍ଥିତିକୁ ନେଇ ଆଇଏଇଏ ଇରାନକୁ ଯାଞ୍ଚ ପ୍ରକ୍ରିୟା ପୁନର୍ବାର ଆରମ୍ଭ କରିବାକୁ ନିକଟରେ ଅନୁରୋଧ କରିଥିଲା। ସଂସ୍ଥାର ମୁଖ୍ୟ ରାଫେଲ୍ ଗ୍ରୋସି ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ନିୟମିତ ନିରୀକ୍ଷଣ ଆବଶ୍ୟକ ବୋଲି କହିଆସୁଛନ୍ତି। ଯାଞ୍ଚ ବନ୍ଦ ରହିବା ଯୋଗୁଁ ଇରାନରେ ପୂର୍ବରୁ ଗଚ୍ଛିତ ଥିବା ଅତ୍ୟଧିକ ସମୃଦ୍ଧ ୟୁରାନିୟମ୍‌ର ବର୍ତ୍ତମାନର ପରିମାଣ ଓ ଅବସ୍ଥିତି ସମ୍ପର୍କରେ ସଂସ୍ଥା ନିଶ୍ଚିତ ହୋଇପାରୁନାହିଁ। ଏହା ଅନ୍ତର୍ଜାତୀୟ ସ୍ତରରେ ପରମାଣୁ ନିରାପତ୍ତାକୁ ନେଇ ଚିନ୍ତା ବଢ଼ାଇଛି।

ମୃତ୍ୟୁଦଣ୍ଡ ଧମକ ସତ୍ତ୍ୱେ ଡିସେମ୍ବରରେ ବାଂଲାଦେଶ ଫେରିବେ ହସିନା

ନୂଆଦିଲ୍ଲୀ: ମୃତ୍ୟୁଦଣ୍ଡର ସମ୍ମୁଖୀନ ହେବାର ଆଶଙ୍କା ସତ୍ତ୍ୱେ ଆସନ୍ତା ଡିସେମ୍ବରରେ ବାଂଲାଦେଶ ଫେରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା। ସୋମବାର ଏକ ଇ-ମେଲ୍ ସାକ୍ଷାତ୍‌କାରରେ ଏଏଫ୍‌ପିକୁ ସେ କହିଛନ୍ତି ଯେ ନିଜ ଦେଶକୁ ଫେରିବା ପାଇଁ ସେ ନିଷ୍ପତ୍ତି ନେଇସାରିଛନ୍ତି। ମୃତ୍ୟୁଦଣ୍ଡର ଧମକ ମଧ୍ୟ ତାଙ୍କୁ ଏଥିରୁ ବିରତ କରିପାରିବ ନାହିଁ। ୭୯ ବର୍ଷୀୟା ହସିନା ବର୍ତ୍ତମାନ ଭାରତରେ ରହୁଛନ୍ତି। ୨୦୨୪ ଅଗଷ୍ଟରେ ଛାତ୍ର ଆନ୍ଦୋଳନ ତୀବ୍ର ହେବା ପରେ ହସିନାଙ୍କ ୧୫ ବର୍ଷର ଶାସନର ଅନ୍ତ ଘଟିଥିଲା। ଏହା ପରେ ସେ ଦେଶ ଛାଡ଼ି ଭାରତ ଚାଲିଆସିଥିଲେ। ସେହି ସମୟରେ ସରକାରୀ ଦମନଲୀଳାରେ ବହୁ ସଂଖ୍ୟକ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ ତାଙ୍କୁ ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ କରି ୨୦୨୫ ନଭେମ୍ବରରେ ତାଙ୍କ ଅନୁପସ୍ଥିତିରେ ମୃତ୍ୟୁଦଣ୍ଡ ଶୁଣାଇଥିଲେ। ତେବେ ହସିନା ଏହି ବିଚାର ପ୍ରକ୍ରିୟାର ବୈଧତାକୁ ଅସ୍ୱୀକାର କରିବା ସହ ରାୟକୁ ଖଣ୍ଡନ କରିଆସିଛନ୍ତି। ହସିନାଙ୍କ ଫେରିବା ଘୋଷଣା ଏପରି ସମୟରେ ଆସିଛି, ଯେତେବେଳେ ବାଂଲାଦେଶ ସରକାର ତାଙ୍କୁ ଭାରତରୁ ପ୍ରତ୍ୟର୍ପଣ କରିବାକୁ ଦାବି କରୁଛନ୍ତି। ଢାକାର କହିବା ଅନୁଯାୟୀ, ତାଙ୍କ ଦଣ୍ଡାଦେଶ ବିରୋଧରେ ଅପିଲ୍ କରିବାର ନିର୍ଦ୍ଧାରିତ ସମୟସୀମା ଶେଷ ହୋଇଯାଇଛି। ସେ ଦେଶକୁ ଫେରିଲେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ହୋଇପାରେ। ଅନ୍ୟପକ୍ଷରେ ଭାରତ ସରକାର କହିଛନ୍ତି ଯେ ବାଂଲାଦେଶର ପ୍ରତ୍ୟର୍ପଣ ଅନୁରୋଧ ଆଇନଗତ ପ୍ରକ୍ରିୟା ଅନୁସାରେ ଯାଞ୍ଚ କରାଯାଉଛି। ବାଂଲାଦେଶ ସରକାରଙ୍କ ଏହି ଆଭିମୁଖ୍ୟକୁ ହସିନା ବିରୋଧାଭାସପୂର୍ଣ୍ଣ ବୋଲି କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଗୋଟିଏ ପଟେ ଢାକା ତାଙ୍କୁ ଫେରାଇ ଆଣିବାକୁ ଦାବି କରୁଛି, ଅନ୍ୟପଟେ ଫେରିଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଧମକ ଦେଉଛି। ତେବେ ସେ ପ୍ରତ୍ୟର୍ପଣ ବଦଳରେ ସ୍ପେଚ୍ଛାରେ ନିଜ ଦେଶକୁ ଫେରିବାକୁ ଚାହୁଁଥିବା କହିଛନ୍ତି। ଏଥିପାଇଁ ତାଙ୍କ ଓକିଲମାନେ ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ହାଇକମିସନ୍ ମାଧ୍ୟମରେ ନୂଆ ପାସ୍‌ପୋର୍ଟ ଓ ଜାତୀୟ ପରିଚୟପତ୍ର ପାଇଁ ଆବେଦନ କରିଥିବା ହସିନା ଜଣାଇଛନ୍ତି। ତାଙ୍କ ବିରୋଧରେ ୬୦୦ରୁ ଅଧିକ ମିଥ୍ୟା ମାମଲା ରୁଜୁ ହୋଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ତେବେ ଏସବୁ ମାମଲାରେ ତାଙ୍କର ପକ୍ଷ ରଖିବା ପାଇଁ ଦେଶକୁ ଫେରିବାକୁ ସେ ପ୍ରସ୍ତୁତ। 'ମୁଁ ମରିବାକୁ ଚାହେଁନାହିଁ। ବଞ୍ଚି ରହି ଦେଶର ସେବା କରିବାକୁ ଚାହେଁ। କିନ୍ତୁ ଦେଶକୁ ଫେରିବା ପାଇଁ ଯଦି ମୃତ୍ୟୁ ହିଁ ମୂଲ୍ୟ ହୁଏ, ତେବେ ତାହାର ସାମ୍ନା କରିବାକୁ ମଧ୍ୟ ପ୍ରସ୍ତୁତ' ବୋଲି ସେ କହିଛନ୍ତି। ଏପଟେ ହସିନାଙ୍କ ପ୍ରତ୍ୟାବର୍ତ୍ତନ ଯୋଜନାକୁ ନେଇ ବାଂଲାଦେଶରେ ରାଜନୈତିକ ଉତ୍ତେଜନା ବଢ଼ିଛି। ନଭେମ୍ବର ୧୫ ତାରିଖରେ ତାଙ୍କ ଜନ୍ମସ୍ଥାନ ଗୋପାଳଗଞ୍ଜରେ ଆୱାମୀ ଲିଗ୍ ସମର୍ଥକମାନେ ପ୍ରତିବାଦ କରିବା ସହ ପୁଲିସ ଗାଡ଼ି ଓ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ଏକ ପୁଲିସ ବାହିନୀର ସୁରକ୍ଷା ଗାଡ଼ିରେ ନିଆଁ ଲଗାଇ ଦିଆଯାଇଥିବା ମଧ୍ୟ ଖବର ମିଳିଛି। ଏହି ପରିସ୍ଥିତିରେ ଡିସେମ୍ବରରେ ହସିନାଙ୍କ ପ୍ରତ୍ୟାବର୍ତ୍ତନ ବାଂଲାଦେଶର ରାଜନୈତିକ ସ୍ଥିତିକୁ ଆହୁରି ଜଟିଳ କରିପାରେ।

ଭାରତରେ

ଭୁବନେଶ୍ୱର, ମଙ୍ଗଳବାର ୧୭ ନଭେମ୍ବର ୨୦୨୬
Bhubaneswar, Tuesday 17 November 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

ସମ୍ବଲପୁରରେ ଆରମ୍ଭ ହେଲା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଇଷ୍ଟ ଜୋନ୍ ରୋଡ୍ ସାଇକ୍ଲିଂ ଚାମ୍ପିୟନସିପ୍

ଓଡ଼ିଶା ଖାତାରେ ସିନିୟର ଓ ଜୁନିୟର ଇଣ୍ଡିଆନ୍ ସାଇକେଲ୍ ବର୍ଗରେ ସମସ୍ତ ପଦକ



ସମ୍ବଲପୁର,୧୬।୧୧: ମହିଳା ସାଇକ୍ଲିଂକୁ ପ୍ରୋତ୍ସାହନ ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଲକ୍ଷ୍ୟରେ ସମ୍ବଲପୁରର ମାନେଶ୍ୱର ରୋଡ୍, ଜାତୀୟ ରାଜପଥ-୫୫ରେ ଆଜିଠାରୁ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଇଷ୍ଟ ଜୋନ୍ ରୋଡ୍ ସାଇକ୍ଲିଂ ଚାମ୍ପିୟନସିପ୍ ଆରମ୍ଭ ହୋଇଛି। ଏହି ଦୁଇଦିନିଆ ପ୍ରତିଯୋଗିତା ନଭେମ୍ବର ୧୬ ଓ ୧୭ ତାରିଖରେ ଆୟୋଜିତ ହେଉଛି।ପ୍ରତିଯୋଗିତାର ପ୍ରଥମ ଦିନରେ ପେଶାଦାର ସାଇକ୍ଲିଂ ବର୍ଗର ମହିଳା ଏଲିଟ୍, ଜୁନିୟର ଓ ସବ୍-ଜୁନିୟର ବର୍ଗରେ ଇଣ୍ଡିଭିଜୁଆଲ୍ ଟାଇମ୍ ଟ୍ରାଏଲ୍ (ଆଇଟିଟି) ରେସ୍ ଅନୁଷ୍ଠିତ ହୋଇଥିଲା। ସେହିପରି ତୃଣମୂଳ ସ୍ତରରେ ସାଇକ୍ଲିଂକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଇଣ୍ଡିଆନ୍ ସାଇକେଲ୍ ବର୍ଗରେ ସ୍କୁଲ୍ ଛାତ୍ରୀ ଓ ଅନ୍ୟ ମହିଳା ପ୍ରତିଯୋଗୀଙ୍କ ପାଇଁ ମାସ୍ ଷ୍ଟାର୍ଟ ରେସ୍ ଆୟୋଜନ କରାଯାଇଥିଲା। ସମସ୍ତ ବର୍ଗର ବିଜେତାଙ୍କୁ ପଦକ ସହ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା।

ପ୍ରଥମ ଦିନର ଫଳାଫଳ ଅନୁଯାୟୀ, ସବ୍-ଜୁନିୟର ଓ ୟୁଥ୍ ଆଇଟିଟିବର୍ଗରେ ଓଡ଼ିଶାର ପୂର୍ବାୟୀ ମହାନ୍ତି ସ୍ୱର୍ଣ୍ଣ, ସସ୍ମିତା ପଣ୍ଡା ରୌପ୍ୟ ଏବଂ ବିହାରର ସୁପ୍ରିୟା କୁମାରୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜୁନିୟର ଆଇଟିଟିବର୍ଗରେ ଝାଡ଼ଖଣ୍ଡର ନିକିତା ସୋରେଙ୍ଗ ସ୍ୱର୍ଣ୍ଣ, ଓଡ଼ିଶାର ରିୟା କୁମାରୀ ରୌପ୍ୟ ଏବଂ ଝାଡ଼ଖଣ୍ଡର ଅଞ୍ଜଳି ଏକ୍କା ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଲିଟ୍ ଆଇଟିଟିବର୍ଗରେ ଝାଡ଼ଖଣ୍ଡର ଶ୍ୱେତା କୁମାରୀ ସ୍ୱର୍ଣ୍ଣ, ସିନ୍ଧୁଲତା ହେମ୍ବ୍ରମ୍ ରୌପ୍ୟ ଏବଂ ଲକ୍ଷ୍ମୀ କୁମାରୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଇଣ୍ଡିଆନ୍ ସାଇକେଲ୍ ବର୍ଗର ସିନିୟର ମାସ୍ ଷ୍ଟାର୍ଟରେ ଓଡ଼ିଶାର ସୁହାନା ପରବୀନ ସ୍ୱର୍ଣ୍ଣ, ଲକ୍ଷ୍ମୀ ଓରାମ ରୌପ୍ୟ ଓ ଆୟୁଶ୍ରୁତି ଓରାମ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଜୁନିୟର ବର୍ଗରେ ଝୁଲି ମାଝୀ ସ୍ୱର୍ଣ୍ଣ, ବିଦୁସ୍ମିତା ଟୁଡୁ ରୌପ୍ୟ ଓ ଲକି ନାଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ସମ୍ବଲପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଶୋକ କୁମାର ଭୋଇ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନର ସଭାପତି ତଥା ଅର୍ଜୁନ ପୁରସ୍କାରପ୍ରାପ୍ତା ଶ୍ରୀମତୀ ମିନତୀ ମହାପାତ୍ର, ସାଧାରଣ ସମ୍ପାଦକ ଶ୍ରୀ ପ୍ରସନ୍ନ କୁମାର ରାଉତ ଏବଂ ଉପସଭାପତି ଶ୍ରୀ ନିରଞ୍ଜନ ଚରଣ ସାହୁଙ୍କ ସମେତ ଆସୋସିଏସନର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ଅଧିକାରୀ ଓ ରାଜ୍ୟ ସାଇକ୍ଲିଂ ଅଧିକାରୀଙ୍କ ସହଯୋଗରେ ଆୟୋଜନଟି ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା।

ଏହି ଚାମ୍ପିୟନସିପ୍‌କୁ ସଫଳ କରିବାରେ ସହଯୋଗ ପାଇଁ ଓଡ଼ିଶା ସାଇକ୍ଲିଂ ଆସୋସିଏସନ ପକ୍ଷରୁ ସମ୍ବଲପୁର ଜିଲ୍ଲା ପ୍ରଶାସନ, ଜାତୀୟ ରାଜପଥ ପ୍ରାଧିକରଣ (ଘଏଐଇଓ), ମେଡିକାଲ୍ ଟିମ୍, ପୋଲିସ ବିଭାଗ, ସମ୍ବଲପୁର ମହାନଗର ନିଗମ ଏବଂ ସମସ୍ତ ସହଯୋଗୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଆନ୍ତରିକ କୃତଜ୍ଞତା ଜଣାଯାଇଛି। ଚାମ୍ପିୟନସିପ୍‌ର ଅନ୍ତିମ ଦିବସ ନଭେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବ। ଶେଷ ଦିନର ପ୍ରତିଯୋଗିତା ପାଇଁ ଖେଳାଳି, ଆୟୋଜକ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଜାରି ରହିଛି।

ଏସ୍‌କେ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ;

ଫାଇନାଲରେ ମେଣ୍ଢାଶାଳକୁ ହରାଇ ଇଟାମାଟି ଚାମ୍ପିୟନ



ଖୋର୍ଦ୍ଧା, ,୧୬।୧୧: ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହ ହାଇସ୍କୁଲ ଖେଳପଡ଼ିଆରେ ଦୁଇଦିନ ଧରି ଚାଲିଥିବା ଏସ୍‌କେ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ମେଣ୍ଢାଶାଳ ଦଳକୁ ପରାସ୍ତ କରି ଇଟାମାଟି ଦଳ ଚଳିତ ବର୍ଷର ଚାମ୍ପିୟନ ହୋଇଥିବାବେଳେ ମେଣ୍ଢାଶାଳ ଦଳ ଉପବିଜେତା ଟ୍ରଫି ହାସଲ କରିଛି।

ପୋଡ଼ାଡ଼ିହ ସ୍ପର୍ଟ୍ସ ଆସୋସିଏସନ୍ ପକ୍ଷରୁ ନଭେମ୍ବର ୧୪ ଓ ୧୫ ତାରିଖରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବାଲିଅନ୍ତା, ନରସିଂହପୁର, ଇଟାମାଟି, କୁରାଡ଼ିଲୋ, ମେଣ୍ଢାଶାଳ, ପୋଡ଼ାଡ଼ିହ, ରେନ୍‌ବୋ ଓ ଜେନାପଦା ଦଳକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ କ୍ୱାର୍ଟର ଫାଇନାଲ୍‌ରୁ ହିଁ ଆରମ୍ଭ ହୋଇଥିଲା ରୋମାଞ୍ଚକର ଲଢେଇ। ପରବର୍ତ୍ତୀ ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍‌ରେ ଖେଳାଳିମାନେ ଉଚ୍ଚକୋଟୀର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିଥିଲେ।ଉଦ୍‌ଘାଟନୀ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦାସ ମୁଖ୍ୟ ଅତିଥି ଏବଂ ଶିକ୍ଷାବିତ୍ ବିରେନ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଇନି ଗ୍ରାଫିକ୍ସର ମୁଖ୍ୟ ଗୋପାଳକୃଷ୍ଣ ସୁବୁଦ୍ଧି ଓ କ୍ରୀଡ଼ାବିତ୍ ପ୍ରଭାକର ବିଶ୍ୱାଳ ଉପସ୍ଥିତ ଥିଲେ।

ସେହିପରି ଉଦ୍‌ଯାପନୀ ଉତ୍ସବ ପ୍ରାକ୍ତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ପରିବର୍ତ୍ତନ ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ସୋନୁ ମଲ୍ଲିକ ମୁଖ୍ୟ ଅତିଥି, ବିଲ୍ଟୁର ରାମଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଏବଂ ଭଲିବଲ୍ କ୍ରୀଡ଼ାବିତ୍ ହିମାଂଶୁଭୂଷଣ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଭଲିବଲ୍ କ୍ରୀଡ଼ା ସଂଗଠକ ଶିବଶମ୍ଭୁ ପ୍ରଧାନ ମଧ୍ୟ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

କାର୍ଯ୍ୟକ୍ରମରେ କ୍ରୀଡ଼ା ପରିଚାଳନା ଦାୟିତ୍ୱ କ୍ରୀଡ଼ାବିତ୍ ଦୁର୍ଯ୍ୟୋଧନ ବିଶ୍ୱାଳ ତୁଲାଇଥିବାବେଳେ ଧାରାବିବରଣୀ ଓ ମଞ୍ଚ ପରିଚାଳନା ଶିକ୍ଷାବିତ୍ ବସନ୍ତ କୁମାର ବେହେରା କରିଥିଲେ। ଟୁର୍ଣ୍ଣାମେଣ୍ଟର ସଂଯୋଜନା ଦାୟିତ୍ୱ ଶୁଭକାନ୍ତ ପ୍ରଧାନ ଓ ଯୋଗେଶ୍ୱର ମାଣିକ ନିର୍ବାହ କରିଥିବାବେଳେ ଆସୋସିଏସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଖେଳାଳିମାନଙ୍କୁ ଉତ୍ସାହିତ କରାଯିବା ସହ ଗ୍ରାମାଞ୍ଚଳରେ ଭଲିବଲ୍ ଖେଳର ପ୍ରସାର, ନୂତନ କ୍ରୀଡ଼ା ପ୍ରତିଭାଙ୍କୁ ସୁଯୋଗ ପ୍ରଦାନ ଏବଂ କ୍ରୀଡ଼ା ମାଧ୍ୟମରେ ସାମାଜିକ ଏକତା ଓ ଭାଇଚାରା ବଜାୟ ରଖିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପୋଡ଼ାଡ଼ିହ ସ୍ପର୍ଟ୍ସ ଆସୋସିଏସନ୍‌ର ଏହି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

ଜୟ ଶାହ ଲଗାତାର ଦ୍ୱିତୀୟ ଥର ଆଇସିସି ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୬।୧୧: ଅନ୍ତର୍ଜାତୀୟ କ୍ରିକେଟ୍‌ପରିଷଦ (ଆଇସିସି)ର ଅଧ୍ୟକ୍ଷ ଭାବେ ଭାରତର ଜୟ ଶାହ ପୁଣି ଥରେ ନିର୍ବାଚିତ ହୋଇଛନ୍ତି। ନିର୍ବିରୋଧରେ ଲଗାାତର ଦ୍ୱିତୀୟ ଥର ଲାଗି ବିଶ୍ୱ କ୍ରିକେଟ୍‌ର ମଙ୍ଗ ଧରିବାକୁ ଯାଉଥିବା ଜୟଙ୍କ ଏହି କାର୍ଯ୍ୟକାଳ ୨ ବର୍ଷ ରହିବ। ଅନ୍ତର୍ଜାତୀୟ ସ୍ତରକୁ ଆସିବା ପୂର୍ବରୁ ୩୮ ବର୍ଷୀୟ ଜୟ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ସମ୍ପାଦକ ଥିଲେ। ଡିସେମ୍ବର ୨୦୨୪ରେ ଆଇସିସି ଅଧ୍ୟକ୍ଷ ହୋଇଥିବା ଜୟଙ୍କ ପ୍ରଥମ ଅବଧି ସରିବା ପୂର୍ବରୁ ବିଶ୍ୱ ବୋର୍ଡ ବୈଠକରେ ତାଙ୍କ ପୁନଃନିଯୁକ୍ତିକୁ ଅନୁମୋଦନ ମିଳିଛି।



ଆଇସିସି ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ''ଶାହଙ୍କ ନେତୃତ୍ୱ ଉପରେ ବୋର୍ଡର ଆସ୍ଥା ଏବଂ କ୍ରିକେଟ୍‌ର ବିଶ୍ୱବ୍ୟାପୀ ପ୍ରସାର, ପ୍ରଶଂସକଙ୍କ ସଂଖ୍ୟା ବୃଦ୍ଧି ଓ ବାଣିଜ୍ୟିକ ବିକାଶ ଦିଗରେ ଏହା ସହାୟକ ହେବ।'' ୨୦୨୮ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସରେ କ୍ରିକେଟ୍ ପୁଣି ଥରେ ସାମିଲ ହେଉଥିବାରୁ ତାଙ୍କ ଉପରେ ଗୁରୁ ଦାୟିତ୍ୱ ରହିବ।

ଆଇସିସି ଅଧ୍ୟକ୍ଷ ଭାବରେ ପୁନଃନିଯୁକ୍ତ ହେବାରେ ଖୁସି ପ୍ରକାଶ କରି ଜୟ ଶାହ କହିଛନ୍ତି, ଆଇସିସି ବୋର୍ଡ ଲଗାତାର ଦ୍ୱିତୀୟ ଥର ପାଇଁ ମୋ ଉପରେ ଭରସା ପ୍ରକାଶ କରିଛି ଏହା ମୋ ପାଇଁ ସମ୍ମାନର ବିଷୟ। ମୁଁ ସମସ୍ତ ନିର୍ଦ୍ଦେଶକଙ୍କୁ ସେମାନଙ୍କର ବିଶ୍ୱାସ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଉଛି। ଆଇସିସି ଅଧ୍ୟକ୍ଷ ଭାବରେ ସେବା କରିବା ଏକ ଦାୟିତ୍ୱ ଏବଂ ସମ୍ମାନ ଉଭୟ। ମୁଁ ସାରା ବିଶ୍ୱରେ କ୍ରିକେଟର ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ସମସ୍ତ ସଦସ୍ୟଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ପ୍ରତିବଦ୍ଧ।

୨୦୨୮ରେ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସକୁ କ୍ରିକେଟ୍ ଫେରି ଆସୁଛି। ୧୨୮ ବର୍ଷ ପରେ କ୍ରିକେଟ୍ ଏହି ମେଗା କ୍ରୀଡା ଇଭେଣ୍ଟକୁ ଫେରି ଆସୁଛି। ଶାହ କହିଛନ୍ତି ଯେ ଏହା କ୍ରିକେଟ୍ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ ଏବଂ ୨୦୨୮ ଅଲିମ୍ପିକ୍ସ ବିଶ୍ୱବ୍ୟାପୀ ପ୍ରଭାବ ପକାଇବାର ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରେ। ଅଲିମ୍ପିକ୍ସ କ୍ରିକେଟ୍ ଖେଳକୁ ନୂତନ ଉଚ୍ଚତାକୁ ନେଇଯିବା ଏବଂ ଏକ ନୂତନ ପିଢ଼ି ପାଖରେ ପହଞ୍ଚିବା ପାଇଁ ସାହାଯ୍ୟ କରିବ।

୨୦୨୪ରେ ଜୟ ଶାହ ମାତ୍ର ୩୫ ବର୍ଷ ବୟସରେ ପ୍ରଥମ ଥର ପାଇଁ ନୂତନ ଆଇସିସି ଅଧ୍ୟକ୍ଷ ହୋଇଥିଲେ। ସେ ଇତିହାସରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦର ସବୁଠାରୁ କମ୍ ବୟସ୍କ ଅଧ୍ୟକ୍ଷ ହୋଇଥିଲେ। କ୍ରିକେଟ ପ୍ରଶାସନରେ ଶାହ ନୂତନ ରେକର୍ଡ ଭାଙ୍ଗି ଚାଲିଛନ୍ତି। ପୂର୍ବରୁ ସେ ୨୦୧୯ରେ ବିସିସିଆଇର ସବୁଠାରୁ ଯୁବ ସଚିବ ହୋଇଥିଲେ। ସେ ଏସୀୟ କ୍ରିକେଟ ପରିଷଦର ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି।

ଅଣ୍ଡର-୧୯ ବିଶ୍ୱକପ ଖେଳିପାରିବେନି ଆର୍ଯ୍ୟବୀର

ନୂଆଦିଲ୍ଲୀ,୧୬।୧୧: ଭାରତର ପୂର୍ବତନ ବିସ୍ଫୋରକ ଓପନର ବ୍ୟାଟର ବୀରେନ୍ଦ୍ର ସେହୱାଗଙ୍କ ପୁଅ ଆର୍ଯ୍ୟବୀର ସେହୱାଗ ନିକଟରେ ଅଣ୍ଡର-୧୯ ଏସିଆ କପରେ ନିଜର ଦମଦାର ପ୍ରଦର୍ଶନ ବଳରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆର୍ଯ୍ୟବୀର ଏହି ଟୁର୍ନାମେଣ୍ଟରେ ସର୍ବାଧିକ ୩୬୩ ରନ ସଂଗ୍ରହ କରିଥିଲେ। ଏଥିରେ ୩ଟି ଅର୍ଦ୍ଧଶତକ ଓ ଗୋଟିଏ ଶତକ ସାମିଲ ଥିଲା। ପାକିସ୍ତାନ ବିପକ୍ଷ ଫାଇନାଲରେ ମଧ୍ୟ ସେ ଚମତ୍କାର ଅର୍ଦ୍ଧଶତକୀୟ ଇନିଂସ ଖେଳି ଭାରତକୁ ଅଣ୍ଡର-୧୯ ଏସିଆ କପ ୨୦୨୬ ଟାଇଟଲ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଏହା ସହିତ ସେ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ପୁରସ୍କାର ମଧ୍ୟ ହାତେଇଥିଲେ।ତେବେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ଆର୍ଯ୍ୟବୀର ଆଗାମୀ ଅଣ୍ଡର-୧୯ ବିଶ୍ୱକପରେ ଖେଳିପାରିବେ ନାହିଁ। ଏହା ପଛରେ ରହିଛି ତାଙ୍କ ବୟସ ସମ୍ବନ୍ଧୀୟ ନିୟମ।



ପୁରୁଷ ଅଣ୍ଡର-୧୯ ବିଶ୍ୱକପର ପରବର୍ତ୍ତୀ ସଂସ୍କରଣ ୨୦୨୮ରେ ବାଂଲାଦେଶ ଆୟୋଜନ କରିବ। କିନ୍ତୁ ବୀରେନ୍ଦ୍ର ସେହୱାଗଙ୍କ ପୁଅ ଏହି ବିଶ୍ୱକପରେ ଭାଗ ନେଇପାରିବେ ନାହିଁ। ସେ ୨୦୨୬ ଅଣ୍ଡର-୧୯ ବିଶ୍ୱକପରେ ମଧ୍ୟ ଖେଳିପାରିନଥିଲେ। ଏବେ ଭବିଷ୍ୟତରେ ମଧ୍ୟ ଏହି ଟୁର୍ନାମେଣ୍ଟ ଖେଳିବାର ସୁଯୋଗ ତାଙ୍କୁ ମିଳିବ ନାହିଁ।

ଏହାର କାରଣ ହେଉଛି ତାଙ୍କ ବୟସ। ଆର୍ଯ୍ୟବୀରଙ୍କ ଜନ୍ମ ୧୯ ଅକ୍ଟୋବର ୨୦୦୭ରେ ହୋଇଥିଲା। ଏବେ ତାଙ୍କୁ ୧୯ ବର୍ଷ ହୋଇସାରିଛି। ୨୦୨୮ ବିଶ୍ୱକପ ବେଳକୁ ତାଙ୍କ ବୟସ ୨୦ ବର୍ଷରୁ ଅଧିକ ହୋଇଯିବ। ତେଣୁ ବୟସ ସୀମା ନିୟମ ଯୋଗୁ ସେ ଅଣ୍ଡର-୧୯ ବିଶ୍ୱକପ ଖେଳିବାକୁ ଯୋଗ୍ୟ ହେବେ ନାହିଁ।

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ର ନିୟମ ଅନୁସାରେ, କୌଣସି ଅନ୍ତର୍ଜାତୀୟ ମ୍ୟାଚରେ ଜାତୀୟ କ୍ରିକେଟ ଦଳ ପାଇଁ ଖେଳିବାକୁ ଜଣେ ଖେଳାଳିଙ୍କ ବୟସ ଅତି କମରେ ୧୫ ବର୍ଷ ହୋଇଥିବା ଆବଶ୍ୟକ। ଓଉଉ ଟୁର୍ନାମେଣ୍ଟ ଓ ଅଣ୍ଡର-୧୯ ମ୍ୟାଚଗୁଡ଼ିକରେ ମଧ୍ୟ ଏହି ନିୟମ ଲାଗୁ ହୁଏ।ଅନ୍ୟପକ୍ଷରେ, ଆଇସିସି ପୁରୁଷ ଅଣ୍ଡର-୧୯ ବିଶ୍ୱକପ ଓ ମହିଳା ଟି-୨୦ ବିଶ୍ୱକପରେ ଖେଳିବା ପାଇଁ ଏକ ସ୍ୱତନ୍ତ୍ର ବୟସ ସୀମା ନିୟମ ରହିଛି। ଏହି ନିୟମ ଅନୁସାରେ, ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ପୂର୍ବରୁ ଆସୁଥିବା ୩୧ ଅଗଷ୍ଟ ତାରିଖରେ ଖେଳାଳିଙ୍କ ବୟସ ୧୯ ବର୍ଷରୁ କମ ହୋଇଥିବା ଆବଶ୍ୟକ।ଅର୍ଥାତ୍ ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ମଧ୍ୟରାତ୍ରି ପର୍ଯ୍ୟନ୍ତ ଖେଳାଳିଙ୍କ ବୟସ ୧୯ ବର୍ଷରୁ କମ ରହିବା ଜରୁରୀ। ଖେଳାଳିଙ୍କ ଜନ୍ମ ଦେଶର ସ୍ଥାନୀୟ ସମୟ ଅନୁସାରେ ତାଙ୍କ ବୟସ ଗଣନା କରାଯାଏ। ଏହି ନିୟମ ଆଧାରରେ କେଉଁ ଖେଳାଳି ଅଣ୍ଡର-୧୯ ବିଶ୍ୱକପ ଖେଳିପାରିବେ, ତାହା ସ୍ଥିର କରାଯାଏ।ତେବେ ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ଼ଙ୍କ ପୁଅ ଅନ୍ୱୟ ଦ୍ରାବିଡ଼ଙ୍କ ପାଖରେ ଅଣ୍ଡର-୧୯ ବିଶ୍ୱକପ ଖେଳିବାର ସୁଯୋଗ ରହିଛି। ଅନ୍ୱୟ ମଧ୍ୟ ଅଣ୍ଡର-୧୯ ଏସିଆ କପରେ ପ୍ରତିନିଧିତ୍ୱ କରିଥିଲେ। ତେବେ ଏହି ଟୁର୍ନାମେଣ୍ଟରେ ବ୍ୟାଟରେ ସେ ବିଶେଷ କିଛି କରିପାରିନଥିଲେ।

ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍: କ୍ରମାଗତ ତୃତୀୟ ଥର ଚାମ୍ପିୟନ ଲକ୍ଷ୍ୟରେ ଭାରତ

ଢାକା,୧୬।୧୧: ଭାରତ ଓ ପାକିସ୍ତାନ ମଧ୍ୟରେ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ଫାଇନାଲ ମଙ୍ଗଳବାର ଖେଳାଯିବ। ଭାରତ ଓଭର ଅଲ ରେକର୍ଡ ୯ଥର ଚାମ୍ପିୟନ ହୋଇସାରିଛି। ଏଥର ଫାଇନାଲ ଜିତି କ୍ରମାଗତ ତୃତୀୟ ଥର ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଭାରତ ୧୯୯୩, ୧୯୯୭, ୧୯୯୯, ୨୦୦୫, ୨୦୦୯, ୨୦୧୧, ୨୦୧୫, ୨୦୨୧ ଓ ୨୦୨୩ରେ ଟ୍ରଫି ହାସଲ କରିସାରିଛି। ଅନ୍ୟପକ୍ଷେ ପାକିସ୍ତାନ ପୂର୍ବରୁ ୪ଥର ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ପ୍ରଥମ ଥର ସାଫ୍ ଚାମ୍ପିୟନଶିପ୍ ଫାଇନାଲକୁ ଉନ୍ନୀତ ହୋଇଛି।ନିକଟ ଅତୀତରେ ଏହି ଦେଶ ୨୦୧୮ରେ ସେମିଫାଇନାଲରେ ଖେଳିଥିଲା। ଏଥର ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସେମାନେ ଆୟୋଜକ ବାଂଲାଦେଶକୁ ୧-୦ ଗୋଲ୍‌ରେ ପରାସ୍ତ କରିଛନ୍ତି। ଭାରତ ଥରେ ମାତ୍ର ୨୦୦୩ରେ ଫାଇନାଲରେ ପହଞ୍ଚି ପାରି ନ ଥିଲା। ସାଫ୍ ଚାମ୍ପିୟନଶିପ୍ ପାଇଁ ଭାରତ ଏଥର ତା'ର ଦ୍ୱିତୀୟ ଶ୍ରେଣୀ ଦଳ ପଠାଇଥିଲେ ହେଁ ଟାଇଟଲ ଜିତିବା ଲକ୍ଷ୍ୟ ରଖିଛି।

ପୁଣି ଗର୍ଜିଲା ସୂର୍ଯ୍ୟ କୁମାରଙ୍କ ବ୍ୟାଟ୍

ମୁମ୍ବାଇ,୧୬।୧୧: ଭାରତ ପାଇଁ ଟି-୨୦ ବିଶ୍ୱକପ ଜିତିଥିବା କ୍ୟାପ୍‌ଟେନ ସୂର୍ଯ୍ୟ କୁମାର ଯାଦବ ପୁଣି ଜଲୱା ଦେଖାଇଛନ୍ତି। ପ୍ରଥମ ମ୍ୟାଚ୍ ଭଳି ମୁମ୍ବାଇ ପାଇଁ ଦ୍ୱିତୀୟ ମ୍ୟାଚ୍‌ରେ ଗର୍ଜିଛି ସୂର୍ଯ୍ୟ କୁମାରଙ୍କ ବ୍ୟାଟ୍।

ସେ ଆଜି ସୟିଦ ମୁସ୍ତାକ ଅଲୀ ଟ୍ରଫିରେ ଖେଳିଛନ୍ତି ୨୯ ବଲରେ ୮୨ ରନର ଇନିଂସ। ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ବ୍ୟାଟ୍‌ରୁ ଏପରି ବିସ୍ଫୋରକ ଇନିଂସ ଦେଖିବାକୁ ମିଳିଛି। ଏହି ଇନିଂସରେ ସୂର୍ଯ୍ୟ କୁମାର ୭ଟି ଛକା ଓ ୯ଟି ଚୌକା ମାରିଛନ୍ତି। ଏଥିଯୋଗୁ ମୁମ୍ବାଇ ୧୯୮ ରନର ଟାର୍ଗେଟକୁ ମାତ୍ର ୧୬ ଓଭର ଭିତରେ ଜିତି ନେଇଛନ୍ତି। ଶେଷ ଭାଗରେ ଆଶୁତୋଷ ଶର୍ମାଙ୍କ ୨୨ ବଲରେ ୪୨ ଓ ବିଶାଲ ଜୟସ୍ୱାଲଙ୍କ ୨୧ ବଲରେ ୩୮ ରନ ଯୋଗୁ ଗୁଜରାଟ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୯୭ ରନ କରିଥିଲା। ଏହାକୁ ସୂର୍ଯ୍ୟ କୁମାରଙ୍କ ନେତୃତ୍ୱାଧୀନ ମୁମ୍ବାଇ ମାତ୍ର ୧୫.୪ ଓଭରରେ ହାସଲ କରିନେଇଛି।



ଖରାପ